ବର୍ଷ-୨୫, ସଂଖ୍ୟା-୩୧୭
ଭୁବନେଶ୍ୱର
୨୯, ନଭେମ୍ବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 317
Bhubaneswar
29, November, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ ଉପସ୍ଥାପିତ




**ଭୁବନେଶ୍ୱର,୨୮।୧୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ୨୦୨୫- ୨୬ ଆର୍ଥିକ ବର୍ଷ ପାଇଁ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ମଧ୍ୟରେ ପ୍ରଶାସନିକ ବ୍ୟୟ ବାବଦକୁ ୩,୩୮୯କୋଟି ଟଙ୍କା ରହିଛି। ସେହିପରି କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୩,୭୧୬, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଏବଂ ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର ବାବଦକୁ ୧୬୪ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି।

ପ୍ରଶାସନିକ ବ୍ୟୟ ଏବଂ ସ୍ଥାନୀୟ ସଂସ୍ଥାକୁ ସ୍ଥାନାନ୍ତର ଅନ୍ତର୍ଗତ ଆବଣ୍ଟନ ବାବଦକୁ ଅର୍ଥ ସମନ୍ୱୟ ଏବଂ ଅର୍ଥ ସମର୍ପଣ କରିଆରେ ବ୍ୟବସ୍ଥା କରାଯିବ। ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅଧୀନରେ ଆବଣ୍ଟନ ବାବଦକୁ ଜାତୀୟ ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠିରେ ଉପଲବ୍ଧ ରାଶି ଦ୍ୱାରା ଭରଣା କରାଯିବ। ଅତିରିକ୍ତ ବଜେଟ୍ ରେ ୧୭,୪୪୦ କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟ ବରାଦ ମଧ୍ୟରୁ, ୧୨୩୨ କୋଟି ଟଙ୍କା ସହବନ୍ଧିତ ସମ୍ବଳ ମାଧ୍ୟମରେ ପୂରଣ କରାଯିବ ଓ ଅବଶିଷ୍ଟ ଅର୍ଥରାଶି ବର୍ଷ ଶେଷରେ ପାଣ୍ଠି ସମର୍ପଣ ମାଧ୍ୟମରେ ପୂରଣ କରାଯିବ।

ପ୍ରଶାସନିକ ବ୍ୟୟ ପାଇଁ ମୋଟ ୩୩୮୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଏଥିମଧ୍ୟରୁ ୧୪୦୬ କୋଟି ଟଙ୍କା ସୁଧ ଦେୟ ଏବଂ ୧୩୩ କୋଟି ଟଙ୍କା ଓଡିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଭରଣା ପାଇଁ ଉଦ୍ଦିଷ୍ଟ ।ସରକାରୀ ଆବାସିକ କୋଠା ଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୦୫ କୋଟି ଟଙ୍କା ଏବଂ ଅଣ-ଆବାସିକ କୋଠା ଗୁଡିକର ରକ୍ଷଣାବେକ୍ଷଣ ପାଇଁ ୩୦୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୧୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅଗ୍ନିଶମ ସେବାର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ପାଇଁ ୨୦୨୫-୨୬ ଅତିରିକ୍ତ ବଜେଟରେ ଜାତୀୟ ବିପର୍ଯ୍ୟୟ ବିପଦ ପ୍ରଶମନ ପାଣ୍ଠି ଅଧୀନରେ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି।

୨୦୨୫-୨୬ରେ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପଂଚାୟତିରାଜ ସଂସ୍ଥାଗୁଡ଼ିକୁ ୧୬୪ କୋଟି ଟଙ୍କା ହସ୍ତାନ୍ତର ପାଇଁ ପ୍ରସ୍ତାବ ରହିଛି ।

ସାଧାରଣ ବଂଟନ ବ୍ୟବସ୍ଥା ଅଧୀନରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ପାଇଁ ୩୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସାଧାରଣ ବଂଟନ ବ୍ୟବସ୍ଥାରେ ରିହାତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । କୁକୁଡ଼ା ପାଳନ ବିକାଶ ପାଇଁ ୧୩୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା – ଗୋପାଳନ ପାଇଁ ୯୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।ଚାଷୀଙ୍କୁ ଋଣ ସୁଧ ଛାଡ଼ ପାଇଁ ସମବାୟ ବ୍ୟାଙ୍କ/ପ୍ୟାକ୍ସ ପାଇଁ ୩୦୦ କୋଟି ଟଙ୍କା ଏବଂ ସମବାୟ ସଂସ୍ଥାଗୁଡ଼ିକର ଭିତିଭୂମି ବିକାଶ ପାଇଁ ୯୬ କୋଟି ଟଙ୍କାର ବ୍ୟୟବରାଦ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି । କଟକ ମେଡିକାଲ କଲେଜରେ ନୂଆ ସ୍ନାତକୋତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଉନ୍ନତିକରଣ ନିମନ୍ତେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଙ୍ଗନବାଡୀ କେନ୍ଦ୍ରର କୋଠା ସମ୍ପୂର୍ଣ୍ଣ କରିବା ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ପାଇଁ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ପିଏମ୍ ପୋଷଣ କାର୍ଯ୍ୟକ୍ରମ ପାଇଁ ୩୯୨ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦କୋଟି ବ୍ୟବସ୍ଥା କରାଯାଇଛି।

ସେହିପରି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପ୍ରି ମାଟ୍ରିକ୍ ଓ ପୋଷ୍ଟ ମାଟ୍ରିକ୍ ବୃତି ପାଇଁ ୨୧୬ କୋଟି , ବୃକ୍ଷରୋପଣ କ୍ଷତିପୂରଣ ପାଣ୍ଠି ପାଇଁ ୨୪୨ କୋଟି , ସେତୁବନ୍ଧ ଯୋଜନା ପାଇଁ ୧୨୦ କୋଟି , ସହରାଂଚଳ ଭିତିଭୂମି ବିକାଶ ପାଇଁ ୧୦୦ କୋଟି , ଏସଆଇଡିବିଆଇ କ୍ଲଷ୍ଟର ଡେଭେଲପମେଂଟ ଫଣ୍ଡ ପାଇଁ ୨୭୬ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

ଅତିରିକ୍ତ ବ୍ୟୟ ତାଲିକା, ୨୦୨୫-୨୬ ଏଫଆରବିଏମ୍ ଅନୁପାଳନକାରୀ ଅଟେ କାରଣ ସଞ୍ଚୟ କିମ୍ବା ସମର୍ପଣ ଆକାରରେ ଅତିରିକ୍ତ ସମ୍ବଳ ବ୍ୟବସ୍ଥା କରାଯାଇଛି । ଏହି ଅତିରିକ୍ତ ବଜେଟ୍ ସହିତ, ରାଜସ୍ୱ ବଳକା ସ୍ଥିତି ବଜାୟ ରହିବା ସହ ବିତୀୟ ନିଅଂଟକୁ ଜିଏସଡିପି ର ୩% ମଧ୍ୟରେ ସୀମିତ ରହିବ ଏବଂ ବର୍ଷ ଶେଷରେ ଋଣ-ଜିଏସଡିପିର ଅନୁପାତକୁ ୨୫% ମଧ୍ୟରେ ବଜାୟ ରହିବା ପାଇଁ ଆକଳନ କରାଯାଇଛି । ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଋଣ-ଜିଏସଡିପିର ଅନୁପାତ ୧୧.୯% ଏବଂ ସୁଧ ଦେୟ- ରାଜସ୍ୱ ପ୍ରାପ୍ତିର ଅନୁପାତ ୨.୨% ରହିଛି । ଅତିରିକ୍ତ ବ୍ୟବସ୍ଥା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୁଞ୍ଜି ବ୍ୟୟବରାଦ ଜିଏସଡିପିର ୬ ପ୍ରତିଶତରୁ ଅଧିକ ହେବ । ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ଏବଂ ଏସ୍‌ଏସହିତ ରାଜ୍ୟ ବିଭିନ୍ନ ବିକାଶମୂଳକ ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଆଗକୁ ନେବାରେ ସକ୍ଷମ ହେବ।

# ଭାରତର ଅଭିବୃଦ୍ଧି ହାର ରେକର୍ଡ




**ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଟାରିଫ ଲଗାଇଥିବାରୁ ଅଭିବୃଦ୍ଧି ହାର ପ୍ରଭାବିତ ହେବ ବୋଲି ଅନେକ ଅର୍ଥନୀତିକ ପଣ୍ଡିତମାନେ ମତ ରଖିଥିଲେ। କିନ୍ତୁ ଟାରିଫ ଛାଟ ସତ୍ୱେ ଦେଶର ଅର୍ଥନୀତିକ ଅଭିବୃଦ୍ଧି ହାର ନୂଆ ରେକର୍ଡ କରିଛି।

ସେପ୍ଟେମ୍ବର କ୍ୱାର୍ଟରରେ ଭାରତର ଅର୍ଥନୀତିକ ଇଞ୍ଜିନ ପାଇଛି ବଳ। ଦେଶର ଅର୍ଥନୀତିକ ଅଭିବୃଦ୍ଧି ହାର ବା ଜିଡିପି ୮.୨% ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ କ୍ୱାର୍ଟରରେ ଅର୍ଥନୀତିକ ଅଭିବୃଦ୍ଧି ହାର ବେଶ ଉତ୍ସାହ ଜନକ ରହିଛି। ବର୍ଷକ ତଳେ ସମାନ ସମୟରେ ଦେଶର ବାସ୍ତବ ଜିଡିପି ୫.୬% ରେକର୍ଡ ହୋଇଥିଲା। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରର ଅଭିବୃଦ୍ଧି ହାର ୭.୮% ତୁଳନାରେ ମଧ୍ୟ ଏହା ଅଧିକ। ବିଗତ ୬ଟି କ୍ୱାର୍ଟର ମଧ୍ୟ ବାସ୍ତବ ଜିଡିପି ୮.୨% ହାରରେ କେବେ ବି ବୃଦ୍ଧି ପାଇ ନଥିଲା। ଉତ୍ପାଦନ, ନିର୍ମାଣ ଓ ସେବା କ୍ଷେତ୍ରକୁ ମିଳିଥିବା ବଳ ଯୋଗୁ ଦେଶର ଅର୍ଥନୀତି ୮.୨% ହାରରେ ଦୌଡ଼ିଥିବା ଜାତୀୟ ପରିସଂଖ୍ୟାନ ଅଫିସ (ଏନଏସ୍‌ଓ) ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି। ସ୍ଥିର ଦରରେ ଜିଡିପି ଜୁଲାଇ-ସେପ୍ଟେମ୍ବର କ୍ୱାର୍ଟରରେ ୪୮.୬୩ ଲକ୍ଷ କୋଟି ରହିଛି। ବର୍ଷକ ତଳେ ଏହା ୪୪.୯୪ ଲକ୍ଷ କୋଟି ରହିଥିଲା। ନୋମିନାଲ ଜିଡିପି ୮.୭% ହାରରେ ବି ୮୫.୨୫ ଲକ୍ଷ କୋଟି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦେଶର ଅଭିବୃଦ୍ଧି ହାରକୁ ଦେଖି ବେଶ ଉତ୍ସାହିତ ହୋଇ ପଡ଼ିଛନ୍ତି। ଏହି ସଂଖ୍ୟା ଅତ୍ୟନ୍ତ ଉତ୍ସାହ ଜନକ ବୋଲି କହିବା ସହ ଭାରତୀୟଙ୍କ କଠିନ ପରିଶ୍ରମ ଓ ଏଣ୍ଟରପ୍ରାଇଜେସକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ୨୦୨୫-୨୬ର କ୍ୱାର୍ଟର ୨ରେ ୮.୨% ଜିଡିପି ଅଭିବୃଦ୍ଧି ବେଶ ଉତ୍ସାହଜନକ।

# କେନ୍ଦ୍ରୀୟ ବିଦ୍ୟାଳୟ-୩ ଉପରକୁ ବୋମାମାଡ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ପୁଣି ଫୁଟିଲା ବୋମା। ଧରିଉଠିଲା ସ୍କୁଲ୍। କେନ୍ଦ୍ରୀୟ ବିଦ୍ୟାଳୟ-୩ ନିକଟରେ ବୋମାମାଡ଼ ହୋଇଛି। ଏଥିରେ କେହି ମୃତାହତ ହୋଇନଥିଲେ ମଧ୍ୟ ବୋମାମାଡ଼କୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପୁଲିସ୍ ଏବଂ ଏନଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଶୁକ୍ରବାର ସମୟ ସକାଳ ପ୍ରାୟ ୮ଟା ବେଳେ ଭୁବନେଶ୍ୱର ଗାଡ଼କଣସ୍ଥିତ କେଭି-୩ ପ୍ରାଥମିକ ବିଦ୍ୟାଳୟ ସ୍କୁଲ୍ ପାଚେରୀ ପାଖରେ ହଠାତ ହେଲା ବିସ୍ଫୋରଣ। ଚାରିଆଡ଼ ଧୂଆଁମୟ। ଲୋକଙ୍କ ମଧ୍ୟରେ ଧାଁ ଦଉଡ଼ ପରିସ୍ଥିତି ସୃଷ୍ଟି ହୋଇଥିଲା। କିଏ କିଛି ବୁଝିବା ଆଗରୁ ସ୍ତବ୍ଧ ହୋଇଯାଇଥିଲା ଚତୁର୍ଦ୍ଦିଗ। ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୁଲିସ ଓ ପରେ ଡିସିପି ଏବଂ ପୁଲିସ କମିସନର ମଧ୍ୟ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ଆଉ ଏନଆଇଏ ଟିମ୍ ପହଞ୍ଚିବା ପରେ ଏ ଘଟଣାର ଗୁରୁତ୍ୱ ଆହୁରି ବଢ଼ିଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ଫୁଟିଥିବା ବାରୁଦର ସାମ୍ପଲ ସଂଗ୍ରହ କରିଛି ଏନଆଇଏ। ବୋମାରେ କେଉଁ ବାରୁଦ ବ୍ୟବହାର ହୋଇଛି, ୨୪ ଘଣ୍ଟାରେ ତାର ଟିକିନିଖି ତଥ୍ୟ ଦେବ ସାଇଣ୍ଟିଫିକ୍ ଟିମ୍। ସ୍କୁଲ୍ ହତା ପାଖରେ ବୋମାମାଡ଼ ପରେ ଚାରିଆଡ଼େ ଆତଙ୍କ ଖେଳିଯାଇଛି। ବୋମାମାଡ଼ରେ ପାଚେରୀ କାନ୍ଥ ଫାଟିଛି। ଲୁହା ଗ୍ରୀଲ୍ ଫାଟି ଆଁ କରିଛି। କୁହାଯାଉଛି, କିଛି ଦୁର୍ବୃତ୍ତ ଏକ ବାଇକରେ ଆସି ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। କିନ୍ତୁ ଏବେ ବି ରହସ୍ୟ ଘେରରେ ରହିଛି ବୋମାମାଡ଼



ପଛର ସତ। ସ୍କୁଲ୍ ପାଚେରୀ ପାଖରେ କିଏ ଓ କାହିଁକି କଲା ବୋମାମାଡ଼ ? ରେଳବାଇ କଲୋନି ଭିତରେ ଥିବା ଏ ସ୍କୁଲ୍ ନିକଟରେ ବୋମାମାଡ଼ କରିବାକୁ କେମିତି ସାହସ କଲେ ଦୁର୍ବୃତ୍ତ। ଛାତ୍ରଛାତ୍ରୀମାନେ ସ୍କୁଲ୍ ଯିବାର ୧୫ ମିନିଟ୍ ପରେ ହିଁ ବିସ୍ଫୋରଣ ହୋଇଥିଲା। ଏବେ ଦେଖିବାର କଥା ଫେରାର ଅଭିଯୁକ୍ତଙ୍କୁ କେବେ ଧରୁଛି ପୁଲିସ।

ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ- ନମ୍ବର -୩ ନିକଟରେ ବୋମାମାଡ ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି।

# ଅଡିଟିଂ ଅଭ୍ୟାସକୁ ରୂପାନ୍ତରିତ କରିବା ଆବଶ୍ୟକ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଆଧୁନିକ ଅଡିଟିଂ ଅଭ୍ୟାସ ସୁଶାସନର ଚାବିକାଠି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଦିନ ଜୟଦେବ ଭବନରେ ଅନୁଷ୍ଠିତ ପଂଚମ ଅଡିଟ୍ ସପ୍ତାହ ପାଳନର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଆଧୁନିକ ଶାସନର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଅଡିଟିଂ ଅଭ୍ୟାସକୁ ରୂପାନ୍ତରିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି ଓ ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, ଆଧୁନିକ ଅଡିଟିଂ ବିଶ୍ଳେଷଣାତ୍ମକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଭବିଷ୍ୟତ-ମୁଖୀ ହେବା ଆବଶ୍ୟକ ଓ ସାଧାରଣ ଖର୍ଚ୍ଚ ଏବଂ ଆର୍ଥିକ ବ୍ୟବସ୍ଥାର ଯାଞ୍ଚକୁ ଉନ୍ନତ କରିବା ପାଇଁ ଏହା ତଥ୍ୟ ବିଶ୍ଳେଷଣ, ବାସ୍ତବତା ଓ ମୂଲ୍ୟାଙ୍କନ ଭିତ୍ତିକ ହେବା ଉଚିତ। ଅଡିଟର ଭୂମିକା କେବଳ ଆକାଉଂଟ ଯାଞ୍ଚ କରିବାରେ ସୀମିତ ନୁହେଁ ।ବର୍ତ୍ତମାନ ଅଡିଟ୍ ଶାସନ, ପ୍ରଯୁକ୍ତିବିଦ୍ୟା



ଏବଂ ଜନସାଧାରଣଙ୍କ ଆଶା ଅକାଂକ୍ଷାର ସଂଯୋଗସ୍ଥଳ ଭାବେ ଉଭା ହୋଇଛି।

ଡିଜିଟାଲ ପ୍ଲାଟଫର୍ମ ଏବଂ ଦିନକୁ ଦିନ ବହୁଳ ସରକାରୀ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଅଡିଟରେ ବାସ୍ତବତାକୁ ଆକଳନ କରିବା, ନିୟନ୍ତ୍ରଣରେ ଉନ୍ନତି ଆଣିବା ଏବଂ ସୂଚନାଯୁକ୍ତ ନିଷ୍ପତି ନେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଭାରତର ଅଡିଟ୍ ସଂସ୍ଥାଗୁଡ଼ିକର ଇତିହାସ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ୧୫୦ବର୍ଷରୁ ଅଧିକ ସମୟ ଧରି ଏହା ଜନସାଧାରଣଙ୍କ ଉତ୍ତରଦାୟିତ୍ୱବୋଧର ମୂଳଦୁଆ ରହିଆସିଛି ଏବଂ ଏହା ସରକାରୀ ସମ୍ବଳର ଉତ୍ତରଦାୟୀ ଏବଂ ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରି ଶାସନରେ ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହୋଇଛି।

ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥାକୁ ଗ୍ରହଣ କରିବାରେ ଓଡ଼ିଶାର ଅଗ୍ରଗତିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ଏଥି ସହିତ 'ସମାଧାନ' ଭଳି ପଦକ୍ଷେପକୁ ଅଭିଯୋଗ ପରିଚାଳନାରେ ଉଭୟ ଦକ୍ଷତା ଓ ସହାନୁଭୂତିର ମଡେଲ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଡିଜିଟାଲ ଅଡିଟ୍ ଉପକରଣ, ବିଶ୍ଳେଷଣ ଓ ଦକ୍ଷତା ବିକାଶକୁ ଆପଣେଇ ରାଜ୍ୟକୁ ଆଧୁନିକ ଅଡିଟ୍ ସଂସ୍କାରରେ ଅଗ୍ରଣୀ କରିଥିବାରୁ ଓଡ଼ିଶାର ଆକାଉଂଟାଂଟ ଜେନେରାଲ୍ (ଏଜି)କାର୍ଯ୍ୟାଳୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

କୃତ୍ରିମ ବୁଦ୍ଧିମତା ଓ ଉନ୍ନତ ବିଶ୍ଳେଷଣର ବ୍ୟବହାର ସମେତ ନବସୃଜନ, ସହଯୋଗ ଏବଂ ବୃତିଗତ ଉତ୍କର୍ଷ ଉପରେ ଅଡିଟର ଭବିଷ୍ୟତ ନିର୍ଭର କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ପାରଦର୍ଶିତା ଏବଂ ସଂସ୍ଥାଗତ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ଏକ ଆଗୁଆ, ସମନ୍ୱିତ ଏବଂ ପରାମର୍ଶମୂଳକ ଅଡିଟ ଫ୍ରେମଓ୍ୱାର୍କର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ପ୍ରିନ୍ସିପାଲ ଆକାଉଂଟାଂଟ ଜେନେରାଲ (ଏ ଆଣ୍ଡ ଇ) ଡି .ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରିନ୍ସିପାଲ ଆକାଉଂଟାଂଟ ଜେନେରାଲ(ଅଡିଟ-୧) ସୁବୁ ଆର. ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୨୮।୧୧ (ମହାଭାରତ):** ନକ୍ସଲ ସଂଗଠନ ଶେଷ ନିଶ୍ୱାସ ନେଉଥିବା ବେଳେ ଜଂଗଲରେ ରହିଯାଇଥିବା ବାକି ସଦସ୍ୟ ଧୀରେଧୀରେ ନିଜନିଜ ରାଜ୍ୟର ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ଆଜି ଦୁର୍ଦ୍ଦାନ୍ତ ତଥା ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଚେତୁ ଓରଫ ଶ୍ୟାମ ଦାଦା ନିଜର ୯ ଜଣ ସାଥୀଙ୍କୁ ନେଇ ଛତିଶଗଡ଼ର ବସ୍ତର ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ବସ୍ତର ଆଇଜି ପି.ସନ୍ଦୁରରାଜଙ୍କ ସମ୍ମୁଖରେ ଏମାନେ ଆତ୍ମସମର୍ପଣ କରିଛି। ମାଓ ନେତା ଚେତୁ ନାମରେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଏଥିସହ ଅନ୍ୟ ନକ୍ସଲମାନଙ୍କ ନାମରେ ମଧ୍ୟ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରହିଥିଲା। ୨୦୧୩ରେ ଝିରମ ଘାଟି ଆକ୍ରମଣରେ ଚେତୁ ମୁଖ୍ୟ ଖଳନାୟକ ଥିବା ପୁଲିସ କହିଛି। ସେ ୩୩ ଜଣ କଂଗ୍ରେସ କର୍ମୀଙ୍କୁ ହତ୍ୟା କରିବାରେ ସାମିଲ ଥିଲା। ଚେତୁର ଆତ୍ମସମର୍ପଣ ପରେ ଦରଭା ଡିଭିଜନ ଏକ ପ୍ରକାର ଭାଙ୍ଗି ଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଉ ତିନି ଚାରି ମାସ ମଧ୍ୟରେ ସବୁ ନକ୍ସଲ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେବେ ବୋଲି ପୁଲିସ ଯୁକ୍ତି ବାଢ଼ିଛି।

ପଡ଼ୋଶୀ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ପୁଣି ଥରେ ନିଜର ଉପସ୍ଥିତି ରଖିଥିବା ପ୍ରମାଣ କରିଛନ୍ତି।

# କ୍ୱାଣ୍ଟମ କମ୍ପ୍ୟୁଟିଂ ନୂଆ ପରିଚୟ ସୃଷ୍ଟି କରିବ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଓଡ଼ିଆ ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବାକୁ ହେବ। ପରିବର୍ତିତ ଟେକ୍ନୋଲୋଜି ଦୃଶ୍ୟପଟ୍ଟରେ ସେମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ କରିବା ଆମର ପ୍ରୟାସ ରହିଛି। ଏହି ଲକ୍ଷ୍ୟରେ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ ତଥା ସିଙ୍ଗାପୁରର ଜିଏଫଟିଏନ୍, ଏଆଇଡିଏଫ ଏବଂ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର ମିଳିତ ଭାବରେ ଏସଡିଆଇ, ଭୁବନେଶ୍ୱରରେ ଫିନଟେକ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର ସ୍କିଲ ଡେଭଲପମେଣ୍ଟ୍ ସେଣ୍ଟର ଏବଂ ଜିଏଫଟିଏନର ମିଳିତ ସହଯୋଗରେ ଅନୁଷ୍ଠିତ "ଶିକ୍ଷା ସମ୍ବାଦ - ପ୍ରଯୁକ୍ତି ବିଦ୍ୟା ସହିତ ଭବିଷ୍ୟତ" କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଶ୍ରୀ ପ୍ରଧାନ । ଏହି ଅବସରରେ ସେ ସମ୍ବାଦ ଅଧିବେଶନରେ ଭାଗ ନେଇ ନିଜର ମତାମତ ବ୍ୟକ୍ତ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଭର୍ଚୁଆଲ ରିଆଲିଟି (ଭିଆର) ଆମର ଶିକ୍ଷା, କାର୍ଯ୍ୟ ଏବଂ ଯୋଗାଯୋଗକୁ ବର୍ତ୍ତମାନ ସମୟରେ ରୂପାନ୍ତରିତ କରୁଛି। ଏହା ଏବେ କେବଳ ଏକ ବିଷୟ ନୁହେଁ ବରଂ ଆମ ଜୀବନଶୈଳୀର ଏକ ଅଂଶ ପାଲଟିଛି ; ଅଡିଓ କମ୍ୟୁନିକେସନରୁ ଆରମ୍ଭ କରି ଜଟିଳ ସମାଧାନ ପର୍ଯ୍ୟନ୍ତ ସବୁଠି ଏହାର ପ୍ରୟୋଗ ହେଉଛି। ଆମେ ବର୍ତମାନ ଶିଳ୍ପ ବିପ୍ଳବ ୫.୦ ଆଡକୁ ଅଗ୍ରସର ହେଉଛୁ । ଭବିଷ୍ୟତର ଟେକ୍ନୋଲୋଜି ବିଶେଷ ଭାବରେ ୬ଜି ଏବଂ କ୍ୱାଂଟମ କମ୍ପ୍ୟୁଟିଂ ଆଗାମୀ ଦିନରେ ଏକ ନୂଆ ପରିଚୟ ସୃଷ୍ଟି କରିବ। ଏହି ବୈଷୟିକ ପରିବର୍ତନର ସାମ୍ନା କରିବାକୁ ହେଲେ ଆମକୁ କେବଳ କ୍ୟାମ୍ପସ ନୁହେଁ ବରଂ ନୂଆ ଦକ୍ଷତା, ଉଚ୍ଚତା, ସ୍ୱପ୍ନ ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଶିକ୍ଷା ଓ କୌଶଳର ସଂସ୍କୃତି ତିଆରି କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଏସଡିଆଇ ଭୁବନେଶ୍ୱର ଆମର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାର ନିଷ୍ଠା ପ୍ରଶଂସନୀୟ।




ଶ୍ରୀ ପ୍ରଧାନ ଏସଡିଆଇ ଭୁବନେଶ୍ୱର ଅନୁଷ୍ଠାନ ଐତିହ୍ୟରେ ପରିପୂର୍ଣ୍ଣ ଅଞ୍ଚଳରେ ଅବସ୍ଥିତ। ମହାନ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହର ପରମ୍ପରା ଏଠାରେ ରହିଛି। ଏହାର ପରମ୍ପରା ଓ ଭବିଷ୍ୟତର ଏକ ପ୍ରତୀକାତ୍ମକ ସଙ୍ଗମସ୍ଥଳ ଭାବରେ ଛିଡ଼ା ହୋଇଛି । ସେ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀ ମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉଦାହରଣ ଦେଇ କହିଥିଲେ ଯେ ଏହା କେବଳ ଏକ ସ୍ମାରକୀ ନୁହେଁ, ବରଂ ବୈଜ୍ଞାନିକ ଭାବରେ ପରିକଳ୍ପିତ ଏକ ସ୍ଥାପତ୍ୟ କଳା ଏବଂ ଆମ ପୂର୍ବପୁରୁଷଙ୍କ ଦ୍ୱାରା ପରିକଳ୍ପିତ ଏକ ବିଜ୍ଞାନ ପରୀକ୍ଷଣ । ଆମକୁ ଆଜିର ଆବଶ୍ୟକତାକୁ ବୁଝି ଭବିଷ୍ୟତ ପାଇଁ ଯୋଜନା କରିବାକୁ ପଡ଼ିବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭାଷା ଭିତିରେ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଏଣୁ ଆମର ଆଗାମୀ ୧୦ ବର୍ଷର ଲକ୍ଷ୍ୟ ସ୍ୱଷ୍ଟ ହେବା ଆବଶ୍ୟକ । ଆମର ପ୍ରଥମ ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ଏକ ବିକାଶମୂଳକ ବାତାବରଣ ତିଆରି କରିବା, ଯେଉଁଠାରେ ଆମେ କେବଳ ନିଯୁକ୍ତି ଖୋଜିବା ନାହିଁ, ବରଂ ନିଯୁକ୍ତିଦାତା ଭାବେ ଉଭା ହେବା। ଏହି ଐତିହାସିକ ମୁହୂର୍ତ ପାଇଁ ଆମକୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ । ଏହି ସମୟ ପାଇଁ ପ୍ରସ୍ତୁତ ହୋଇ ଓଡ଼ିଆ ଭାବେ ନିଜର ଦାୟିତ୍ୱବୋଧକୁ ଉପସ୍ଥାପନ କରିବାକୁ ପଡ଼ିବ। ଏହା କରିବାକୁ ହେଲେ ଆମକୁ ସାହସୀ ଓ ସ୍ୱାଭିମାନୀ ହେବା ସହ ପୁରୁଷାର୍ଥ ମାଧ୍ୟମରେ ସମୃଦ୍ଧି ଓ ସମ୍ପନ୍ନତା ଆଣିବାକୁ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି ସାମାଜିକ ଦାୟିତ୍ୱ । କାହାର ଅଧିକାର ସେତେବେଳେ ପୂରା ହୁଏ, ଯେତେବେଳେ କେହି ଦାୟିତ୍ୱ ନିଏ। ପୁଷ୍ଟିକର ଆହାର ଯୋଗାଇ ପୋଷଣ ଅଭାବରୁ ଅପପୁଷ୍ଟିର ଶିକାର ହେଉଥିବା ପିଲାମାନଙ୍କର ଧ୍ୟାନ ନେବା ଦ୍ୱାରା ହିଁ ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ହେବ। ଏହିପରି ଭାବେ, ଆମେ ବିକଶିତ ଓଡ଼ିଶା ମାଧ୍ୟମରେ ଏକ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିପାରିବା। ନିକଟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଓ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ସହଯୋଗରେ ଓଡ଼ିଶାର ଯୁବପିଢ଼ିଙ୍କୁ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସମ୍ପୂର୍ଣ୍ଣ ସୁଯୋଗ ନେବା ପାଇଁ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' - ଭାରତନେତ୍ରର ଶୁଭାରମ୍ଭ ହୋଇଥିଲା।

## ‘ଫୁଲକୋବି ଖିରି’

**ପରିବାରୁ ବି ହୋଇପାରେ ଖିରି । ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ । ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ । ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ । କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ । ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’ ।



ପରଦା ଖବର

## ଦୁବାଇରେ ୫ ଷ୍ଟାର ଫିଲ୍ମ ଆୱାର୍ଡସ ଓଡ଼ିଆ ଓ ବଙ୍ଗଳା କଳାକାର ପୁରସ୍କୃତ

ଦୁବାଇରେ ଆୟୋଜିତ ହୋଇଯାଇଛି ୫ ଷ୍ଟାର ଚଳଚ୍ଚିତ୍ର ସମ୍ମାନ ଉତ୍ସବ । ମହାଶ୍ୱେତା ରାୟଙ୍କୁ ମିଳିଲା ଗୋଲ୍ଡେନ୍ ଏରା ଅଫ୍ ଇଣ୍ଡିଆନ୍ ସିନେମା ସମ୍ମାନ । ଆର୍ ଆର୍ ଇଭେଣ୍ଟସ୍ ଏବଂ ସିନେ ପ୍ରଡକ୍ସନ ଆସୋସିଏସନ୍ ପକ୍ଷରୁ ଦୁବାଇରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆୟୋଜିତ ହୋଇଛି ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ଦୁବାଇ-୨୦୨୫ । ଦୁବାଇରେ ବସବାସ କରୁଥିବା ତଥା କାର୍ଯ୍ୟରତ ଓଡ଼ିଆମାନଙ୍କ ସହ ବଙ୍ଗାଳୀ ସିନେପ୍ରେମୀମାନେ ଏହି ଚଳଚ୍ଚିତ୍ର ସମ୍ମାନ ପୁରସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମୟରେ ନିଜ ମାଟିର କଳାକାରଙ୍କୁ ଦେଖି ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ବଙ୍ଗାଳୀମାନେ ଖୁସି ଅନୁଭବ କରିଥିଲେ ।ଅନୁରୂପ ଭାବେ କଳାକାରମାନେ ମଧ୍ୟ ବିଦେଶ ମାଟିରେ ନିଜ ନିଜ ରାଜ୍ୟର କଳା ଓ ସଂସ୍କୃତିକୁ ପ୍ରଦର୍ଶିତ କରି ସେତିକି ଖୁସି ହୋଇଥିଲେ ।ଏହି ଆୱାର୍ଡ ଶୋ’ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ବିଜେପି ନେତା ଗୋଲକ ମହାପାତ୍ର, ରମେଶ ବାରିକ, ଓଲିଉଡ଼ ଅଭିନେତ୍ରୀ ମହେଶ୍ୱତା ରାୟ, ଋତୁପର୍ଣ୍ଣା ସେନଗୁପ୍ତା ଓ ଅମୀୟ ମିଶ୍ର । ଓଡ଼ିଆ ସମାଜ ଏବଂ ବଙ୍ଗାଳୀ ସମାଜର କର୍ମକର୍ତ୍ତାଙ୍କ ସହ ବହୁ ଅଭିନେତା, ଅଭିନେତ୍ରୀ, ସଂଗୀତ ନିର୍ଦ୍ଦେଶକ, ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଡ୍ୟୁସରମାନଙ୍କ ସହ ଅନେକ ଟେକ୍ନିସିଆନ ଯୋଗ ଦେଇଥିଲେ । ଏହି ଅବସରରେ ମୁନମୁନ୍ ସେନଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି ।ଆୟୋଜିତ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ଦୁବାଇ-୨୦୨୫ରେ ଜ୍ଞି ଙ୍କୁ ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତା ଏବଂ ଋତୁପର୍ଣ୍ଣା ସେନଗୁପ୍ତା ଙ୍କୁ ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତ୍ରୀ ସମ୍ମାନ ମିଳିଛି । ଜୟଦୀପ ମୁଖାର୍ଜୀଙ୍କୁ ବର୍ଷର ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ, ରାଣାଜୟ ଭଟାଚର୍ଯ୍ୟ ବର୍ଷର ସର୍ବଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି ।




## ପଞ୍ଚଦେବଙ୍କ ମଧ୍ୟରୁ ଅନ୍ୟତମ ସୂର୍ଯ୍ୟ



ପଞ୍ଚ ହିନ୍ଦୁ ଦେବଙ୍କ ମଧ୍ୟ ସୂର୍ଯ୍ୟ ହେଉଛନ୍ତି ଅନ୍ୟତମ । ସେ ଆଲୋକ ପ୍ରଦାନ କରି ସାରା ଜୀବଜଗତକୁ ଜୀବନ ପ୍ରଦାନ କରିଛନ୍ତି । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୂର୍ଯ୍ୟ ଦେବ ଋଷି କଶ୍ୟପ ଏବଂ ମାତା ଅଦିତିଙ୍କ ପୁତ୍ର । ମାତାଙ୍କ ନାମ ଅନୁସାରେ ତାଙ୍କୁ ଆଦିତ୍ୟ ନାମରେ ସମ୍ବୋଧନ କରାଯାଇଥାଏ । ସୂର୍ଯ୍ୟ ଦେବଙ୍କ ଠାରୁ ଶିକ୍ଷା ଗ୍ରହଣ କରି ହନୁମାନ ମହାଜ୍ଞାନୀ ହୋଇ ପାରିଥିଲେ । ହିନ୍ଦୁ ଧର୍ମରେ ସୂର୍ଯ୍ୟ ପୂଜାର ବିଶେଷ ମହତ୍ତ୍ୱ ରହିଛି । ପ୍ରାତଃ ସ୍ନାନ ପରେ ସୂର୍ଯ୍ୟ ଦେବଙ୍କ ପୂଜା ଅଶେଷ କଲ୍ୟାଣଦାୟୀ ହୋଇଥାଏ । ଭଗବାନ ସୂର୍ଯ୍ୟ ନାରାୟଣଙ୍କର ୨୧ଟି ପବିତ୍ର ନାମ ରହିଛି । ଏହି ନାମ ଉଚ୍ଚାରଣ କରିବା ଦ୍ୱାରା ଆୟୁ, ଶକ୍ତି, ସଫଳତା, ସମ୍ମାନ ଓ ପ୍ରତିପତି ବୃଦ୍ଧି ଘଟିଥାଏ ବୋଲି ବିଶ୍ୱାସ ରହିଛି । ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ‘ସ୍ତବରାଜ’ ଭାବେ ପ୍ରସିଦ୍ଧ ସୂର୍ଯ୍ୟ ଦେବଙ୍କ ଏହି ୨୧ଟି ନାମ ଉଚ୍ଚାରଣ କରିବା ଦ୍ୱାରା ସୂର୍ଯ୍ୟଙ୍କ କୃପାପ୍ରାପ୍ତି ସହଜ ହୋଇଥାଏ । ଏହି ନାମ ହେଉଛି : ଭାସ୍କର, ରବି, ତାପନ, ଲୋକସାକ୍ଷୀ, ଲୋକପ୍ରକାଶକ, ତପନ, ସୁଚିପବନ, ଲୋକଚକ୍ଷୁ, ଶ୍ରୀମାନ୍, ତ୍ରୀଲୋକେଶ, କର୍ତ୍ତା, ଗ୍ରହେଶ୍ୱର, ହର୍ତ୍ତା, ବ୍ରହ୍ମା, ଗଭସ୍ତିହସ୍ତ, ତମିସ୍ରହ, ସପ୍ତଶ୍ୱବାହାନ, ବିକର୍ତ୍ତନ, ବିଭାଶ୍ୱନ, ମାର୍ତ୍ତଣ୍ଡ ସର୍ବଦେବନମସ୍କ୍ରାତ୍ । ଏହି ନାମ ଜପ କଲେ ଭକ୍ତର ସମସ୍ତ ଦୁଃଖ ଦୂର ହେବାର ସହ ଅଶେଷ କଲ୍ୟାଣ ପ୍ରାପ୍ତି ହୋଇଥାଏ ।

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ’ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ’ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।



ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ରାଜା ପରୀକ୍ଷିତଙ୍କର ହୋଇଥିଲା ପୁନର୍ଜନ୍ମ



ମହାଭାରତର ଅଶ୍ୱମେଧ ପର୍ବ ଅନୁଯାୟୀ, ବିରାଟ ରାଜାଙ୍କ ପୁତ୍ରୀ ଥିଲେ ଉତ୍ତରା । ପାଣ୍ଡବମାନେ ଅଜ୍ଞାତବାସ କରିବା ସମୟରେ ଅର୍ଜୁନ ବୃହନ୍ନଳା ରୂପରେ ଅଜ୍ଞାତବାସ କାଟୁଥିଲେ । ଉତ୍ତରାଙ୍କୁ ବୃହନ୍ନଳା ନୃତ୍ୟ, ସଂଗୀତ ଆଦି ଶିକ୍ଷା ଦେଉଥିଲେ । କୌରବମାନେ ବିରାଟ ରାଜାଙ୍କ ଗାଈ ଚୋରାଇ ନେଲେ । ସେ ସମୟରେ ଅର୍ଜୁନ କୌରବଙ୍କ ସହ ଯୁଦ୍ଧ କରି ଅପୂର୍ବ ପରାକ୍ରମ ଦେଖାଇଥିଲେ ଏବଂ ଗାଈ ଫେରାଇ ଆଣିଥିଲେ । ଅର୍ଜୁନଙ୍କ ଏହି ବୀରତ୍ୱ ଦେଖି ରାଜା ବିରାଟ ନିଜ ପୁତ୍ରୀ ଉତ୍ତରାଙ୍କ ସହ ତାଙ୍କର ବିବାହ କରିବାକୁ ପ୍ରସ୍ତାବ ଦେଲେ । ମାତ୍ର ଉତ୍ତରାଙ୍କୁ ଶିକ୍ଷା ଦେଉଥିବାରୁ ସେ ତାଙ୍କର କନ୍ୟା ସମାନ ଥିଲେ । ଏହି ଦୃଷ୍ଟିରୁ ଅର୍ଜୁନ ତାଙ୍କୁ ବିବାହ କରିବା ଲାଗି ମନା କରିଦେଲେ । ଶେଷରେ ଉତ୍ତରାଙ୍କୁ ଅର୍ଜୁନ ଏବଂ ସୁଭଦ୍ରାଙ୍କ ପୁତ୍ର ଅଭିମନ୍ୟୁ ବିବାହ କରିଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କ ଦ୍ୱାରା ଅଶ୍ୱମେଧ ଯଜ୍ଞ ଆୟୋଜନ କରିବା ଲାଗି ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ଉତ୍ତରାଙ୍କ ପୁତ୍ର ଜନ୍ମ ନେଲା । ଏହି ଆନନ୍ଦର ସମୟ ହଠାତ୍ ଶୋକରେ ଭରିଗଲା । ଜଣାପଡ଼ିଲା ଯେ ଉତ୍ତରା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ପାଣ୍ଡବଙ୍କ ପାଇଁ ତର୍ପଣ କରିବା ଲାଗି କେହି ନଥିଲେ ।

ସମସ୍ତେ ଏହି ବାଳକ ଉପରେ ଆଶା ରଖିଥିଲେ । ଭଗବାନ ଶ୍ରୀକୃଷ୍ଣ ବୁଝିପାରିଲେ ଯେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ଯୋଗୁ ଏହି ବାଳକ ଉତ୍ତରାଙ୍କ ଗର୍ଭରେ ମୃତ୍ୟୁବରଣ କରିଛି । ତେଣୁ ମୃତ ଶିଶୁ ଜନ୍ମ ହୋଇଛି । ଶ୍ରୀକୃଷ୍ଣ ସେହି ମୃତଶିଶୁକୁ କୋଳେଇ ନେଲେ ଏବଂ ଉତ୍ତରା ଏବଂ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ କହିଲେ, ମୁଁ କେବେ ବି ଯୁଦ୍ଧଭୂମିରୁ କାପୁରୁଷ ଭଳି ପଳାୟନ କରିନାହିଁ । କେବେ ମିଥ୍ୟାର ଆଶ୍ରୟ ନେଇନାହିଁ । ଯାହା ବି କରିଛି ସର୍ବଦା ଧର୍ମ ପ୍ରତିଷ୍ଠା ପାଇଁ ହିଁ କରିଛି । ମୋର ପୂଣ୍ୟ ବଳରେ ମୁଁ ଏବେ ଏହି ଶିଶୁକୁ ଜୀବନଦାନ ଦେଉଛି । ଏହା କହିବା ପରେ ଶିଶୁଟି ତତ୍କ୍ଷଣାତ୍ ଜୀବିତ ହୋଇଗଲା । ଜନ୍ମ ପୂର୍ବରୁ ହିଁ ସେହି ଶିଶୁ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଭଗବାନ ଶ୍ରୀକୃଷ୍ଣ ତା’ର ନାଁ ଦେଲେ ‘ପରୀକ୍ଷିତ’ । ପରବର୍ତ୍ତୀ କାଳରେ ଏହି ଶିଶୁ ହିଁ ପାଣ୍ଡବଙ୍କ ଉତ୍ତରାଧିକାରୀ ରୂପରେ ହସ୍ତିନାପୁରର ଶାସନ କଲା । ରାଜା ପରୀକ୍ଷିତ ଭାରତବର୍ଷରେ ଧର୍ମପୂର୍ବକ ଶାସନ କରିଥିଲେ । ତାଙ୍କ ଯୋଗୁ ଆର୍ଯ୍ୟାବର୍ତ୍ତ ଏକ ଭୂଖଣ୍ଡ ରୂପରେ ଶାସିତ ହୋଇଥିଲା ଏବଂ ସମୃଦ୍ଧିର ଶିଖରରେ ପହଞ୍ଚିପାରିଥିଲା । ରାଜା ପରୀକ୍ଷିତଙ୍କ ସମୟରେ ହିଁ ଦ୍ୱାପର ଯୁଗର ପରିସମାପ୍ତି ଘଟି ସଂସାରରେ କଳିଯୁଗର ଆଗମନ ହୋଇଥିଲା ।

## ଅର୍ଜୁନଙ୍କୁ ଅଭିଶାପ

ସ୍ୱର୍ଗରେ ୧୧୧ ଅପସରା ରହିଥିଲେ । ଏମାନଙ୍କ ମଧ୍ୟରୁ ଉର୍ବଶୀଙ୍କ ସ୍ଥାନ ସର୍ବୋଚ୍ଚ ଥିଲା । ତାଙ୍କର ସୁନ୍ଦରତା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା । ଦିନେ ମର୍ତ୍ତ୍ୟମଣ୍ଡଳରୁ ରାଜା ପୁରୁରବା ଇନ୍ଦ୍ରଦେବଙ୍କ ସଭାକୁ ଆସିଥିଲେ । ତାଙ୍କୁ ଦେଖି ଉର୍ବଶୀ ମୋହିତ ହୋଇପଡ଼ିଲେ । ଏମିତିରେ ତାଙ୍କ ନୃତ୍ୟ ବିଗିଡ଼ିଗଲା । ଏହା ଜାଣିପାରି ଦେବରାଜ ଇନ୍ଦ୍ର କୋପିତ ହେଲେ । ସେ ଉର୍ବଶୀଙ୍କୁ ଅଭିଶାପ ଦେଲେ । ଏହି ଅଭିଶାପ କାରଣରୁ ଉର୍ବଶୀ ମର୍ତ୍ତ୍ୟମଣ୍ଡଳରେ ଯାଇ ରାଜା ପୁରୁରବାଙ୍କୁ ବିବାହ କରି ରହିଲେ । ଦୁହିଁଙ୍କ ଔରସରୁ ୯ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ । କିଛି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁଲୋକରେ ପୁରୁରବାଙ୍କ ସହ ସମୟ ବିତାଇବା ପରେ ଉର୍ବଶୀ ସ୍ୱର୍ଗକୁ ଫେରିଆସିଲେ ଏବଂ ଇନ୍ଦ୍ରଦେବ ତାଙ୍କୁ ପୁଣି ଥରେ ସ୍ୱୀକାର କରିନେଲେ । ଏମିତି ସମୟ ବିତିଗଲା । ଦେବରାଜ ଇନ୍ଦ୍ରଙ୍କ କୃପାରୁ ରାଜା ପାଣ୍ଡୁଙ୍କ ପତ୍ନୀ କୁନ୍ତୀଙ୍କ ପୁତ୍ର ରୂପେ ଅର୍ଜୁନ ଜନ୍ମନେଲେ । ଦିନେ ଅର୍ଜୁନ ସ୍ୱର୍ଗଲୋକ ଯାଇଥିଲେ । ସେଠାରେ ଉର୍ବଶୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ଉର୍ବଶୀ ଅର୍ଜୁନଙ୍କୁ ଦେଖି ମୋହିତ ହୋଇଗଲେ ଏବଂ ତାଙ୍କ ସହ ପ୍ରଣୟ ଲାଗି ପ୍ରସ୍ତାବ ଦେଲେ । ମାତ୍ର ଅର୍ଜୁନ କହିଲେ, ଆପଣ ମୋର ପୂର୍ବଜ ରାଜା ପୁରୁରବାଙ୍କୁ ବିବାହ କରିଥିଲେ । ଏହି ଦୃଷ୍ଟିରୁ ଆପଣ ମୋର ମାତାଙ୍କ ଭଳି । ତେଣୁ ଆପଣଙ୍କୁ ବିବାହ କରିବା ମୋ ପାଇଁ ପାପ ହେବ । ଏଥିରେ ଉର୍ବଶୀ କ୍ରୋଧିତ ହୋଇପଡ଼ିଲେ । ସେ ଅର୍ଜୁନଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ । ତେବେ ସେ ଏହାର ଅବଧି ସୀମିତ ରଖିଲେ । ଅଜ୍ଞାତବାସ କାଳରେ ଅର୍ଜୁନଙ୍କୁ ନପୁଂସକ ଭଳି ଜୀବନ ବିତାଇବାକୁ ପଡ଼ିଲା । ସେ ରାଜା ବିରାଟଙ୍କ ରାଜଦରବାରରେ ନର୍ତ୍ତକୀ ‘ବୃହନଳା’ ରୂପରେ ନିଜ ପରିଚୟ ଲୁଚାଇ ରହିଥିଲେ ।



# କୃଷି ଶିଳ୍ପ ନିଗମ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ମଙ୍ଗଳବାର ଓଡ଼ିଶା କୃଷି ଶିଳ୍ପ ନିଗମର ନୂତନ ମୁଖ୍ୟ କାର୍ଯ୍ୟାଳୟର ଭିତପ୍ରସ୍ତର ସ୍ଥାପନ ହୋଇଛି। ଭୁବନେଶ୍ୱର ସତ୍ୟନଗର ସ୍ଥିତ ପ୍ଲଟ ନମ୍ବର ୯୫ ରେ ଅବସ୍ଥିତ ଓଡ଼ିଶା କୃଷି ଶିଳ୍ପ ନିଗମର ନୂତନ କାର୍ଯ୍ୟାଳୟ ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପ ଯାହା ହିତାଧିକାରୀଙ୍କ ସମ୍ପୃକ୍ତି, ପ୍ରଗତିଶୀଳ କାର୍ଯ୍ୟକ୍ରମ ଏବଂ ସରକାରୀ ଯୋଜନା ସମନ୍ୱିତ ରଣନୈତିକ ବିକାଶ ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଏହି ପଦକ୍ଷେପ ରାଜ୍ୟବ୍ୟାପୀ କୃଷି ପଦ୍ଧତିକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଭିତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ ଅଟେ।୧୬୫୦୦ ବର୍ଗମିଟରରୁ ଅଧିକ କ୍ଷେତ୍ରଫଳ ବିଶିଷ୍ଟ ୧.୪୬ ଏକର ଜମିରେ ୮୩.୭୭ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦୁଇଟି ମୁଖ୍ୟ ବ୍ଲକ ସହିତ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ହେବ। କୃଷି ଭବନ ଭଳି ଏହାର ମଧ୍ୟ ଡିଜାଇନ ରହିବ।



ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ସରକାର ଅଧିକ ଉତ୍ପାଦନକାରୀ ଉନ୍ନତ କୃଷି ଉପକରଣ, ଜୈବ-ସାର ଏବଂ ପଶୁ ଖାଦ୍ୟ ଗ୍ରହଣ, କୃଷକ ଶିକ୍ଷା, ବୈଷୟିକ ତାଲିମ ଏବଂ ସରକାରୀ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ଥାୟୀ ଜଳସେଚନ ପଦକ୍ଷେପ ମାଧ୍ୟମରେ ଜଳସେଚନ କ୍ଷମତା ବୃଦ୍ଧି କରି ଚାଷୀଙ୍କୁ ଅଧିକ ସଶକ୍ତ କରୁଛନ୍ତି। ଚାଷୀ, ନିର୍ମାତା ଓ ବିଶେଷଜ୍ଞଙ୍କ ମଧ୍ୟରେ ଭାବବିନିମୟ ତଥା ବୈଷୟିକ କୌଶଳର ଆଦାନପ୍ରଦାନ ପାଇଁ ଏହା ଏକ ଉତ୍ସର୍ଗୀକୃତ ସ୍ଥାନ ରହିବ।

ରାଜ୍ୟବ୍ୟାପୀ କୃଷକମାନଙ୍କୁ ଆଧୁନିକ କୃଷି ଉପକରଣ ଏବଂ ଅଭ୍ୟାସ ସହିତ ପରିଚିତ କରାଇବା ପାଇଁ କର୍ମଶାଳା, ପ୍ରଦର୍ଶନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ପାଇଁ ମଧ୍ୟ ସୁବିଧା ରହିବ। କୃଷକ ସମ୍ପ୍ରଦାୟକୁ କୃଷି ଯନ୍ତ୍ରପାତି, ଉପକରଣ ଏବଂ ଅନ୍ୟାନ୍ୟ କୃଷି ଇନପୁଟ୍ ଯେପରିକି ସାର ଏବଂ କୀଟନାଶକର ସବସିଡି ବିକ୍ରୟ, ପ୍ରମାଣିତ ଜଳସେଚନ ସମାଧାନ ପ୍ରଣାଳୀ ଆଦି ବିଷୟରେ ଅବଗତ କରାଇବା ଓଡ଼ିଶା କୃଷି ଶିଳ୍ପ ନିଗମର ନିର୍ଦ୍ଦେଶ ଏବଂ ଲକ୍ଷ୍ୟ ରହିଛି ବୋଲି କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ।

ସରକାର ବିଭିନ୍ନ ଜିଲ୍ଲା ଏବଂ ପାଟଣାଗଡ଼ ଉପଖଣ୍ଡରେ ଥିବା କୃଷି ଭବନର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନେଇଛନ୍ତି। ଢେଙ୍କାନାଳରେ ମଧ୍ୟ ନୂତନ କୃଷି ଭବନ ପ୍ରତିଷ୍ଠିତ ହୋଇଛି। ଏପର୍ଯ୍ୟନ୍ତ ଏପରି ପ୍ରକଳ୍ପଗୁଡ଼ିକର ମୋଟ ଆର୍ଥିକ ସମ୍ପୃକ୍ତି ୧୧.୮୧ କୋଟି ଟଙ୍କା ହୋଇଛି। ସମ୍ବଲପୁର, ବଲାଙ୍ଗିର ଏବଂ ପାଟଣାଗଡ଼ରେ ନବନିର୍ମିତ କୃଷି ଭବନଗୁଡ଼ିକର ନିକଟରେ ଉଦଘାଟନ ମଧ୍ୟ ହୋଇସାରିଛି। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପରିବହନ କ୍ଷେତ୍ରରେ ଖୋର୍ଦ୍ଧା ରେଳମଣ୍ଡଳ ଅଗ୍ରଣୀ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପରିବହନ ପରିଚାଳନା କରିବାରେ ଭାରତୀୟ ରେଳବାଇର ସବୁଠାରୁ ଦ୍ରୁତତମ ରେଳମଣ୍ଡଳ ହୋଇ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହି ଐତିହାସିକ ସଫଳତା ୨୧ ନଭେମ୍ବର ୨୦୨୫ ସୁଦ୍ଧା ମାତ୍ର ୨୩୫ ଦିନରେ ହାସଲ କରାଯାଇଛି, ଯାହା ମଣ୍ଡଳର ବର୍ଦ୍ଧିତ ପଣ୍ୟ ପରିବହନ କ୍ଷମତା ଏବଂ ପରିଚାଳନାଗତ ଉତ୍କର୍ଷତାକୁ ସ୍ପଷ୍ଟ କରୁଛି। ୧୧୦ ମେଟ୍ରିକ୍ ଟନ୍ ଲୋଡିଂ, ଯାହା ମୁଖ୍ୟତଃ କୋଇଲା, ଖଣିଜ ପଦାର୍ଥ, ଇସ୍ପାତ ଏବଂ ଅନ୍ୟାନ୍ୟ ପ୍ରମୁଖ ସାମଗ୍ରୀ ଦ୍ୱାରା ପରିଚାଳିତ ଏବଂ ୯୦ ମେଟ୍ରିକ୍ ଟନ୍ ଅନଲୋଡିଂ, ସମଗ୍ର ଅଞ୍ଚଳରେ ସୁଗମ ବଣ୍ଟନ ଏବଂ ଶେଷରୁ ଶେଷ ପର୍ଯ୍ୟନ୍ତ ମାଲ ପରିବହନ ସୁନିଶ୍ଚିତ କରୁଛି।



ଏହି ସଫଳତା ମଣ୍ଡଳର ସୁଦୃଢ଼ କାର୍ଯ୍ୟକ୍ଷମ ପ୍ରଣାଳୀ, ରେକ ଗୁଡିକର ବର୍ଦ୍ଧିତ ଗତିଶୀଳତା, ଶିଳ୍ପ ଅଂଶୀଦାରମାନଙ୍କ ସହିତ ଦକ୍ଷ ସମନ୍ୱୟ ଏବଂ ସମୟବଦ୍ଧ ଚଳାଚଳ ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ପ୍ରମୁଖ ଶିଳ୍ପ କ୍ଲଷ୍ଟର, ବନ୍ଦର ଏବଂ ପାଓ୍ୱାର ହାଉସଗୁଡ଼ିକ ରେଳ ପରିବହନ ଉପରେ ବହୁଳ ଭାବରେ ନିର୍ଭର କରୁଥିବାରୁ, ଖୋର୍ଦ୍ଧା ରୋଡ୍ ଡିଭିଜନ ଆଞ୍ଚଳିକ ଏବଂ ଜାତୀୟ ଯୋଗାଣ ଶୃଙ୍ଖଳକୁ ସମର୍ଥନ କରୁଥିବା ଏକ ରଣନୈତିକ ପଣ୍ୟ ପରିବହନ କରିଡର ଭାବରେ କାର୍ଯ୍ୟ କରିଆସୁଛି। ଡିଭିଜନର ପ୍ରଦର୍ଶନ ଏହାର ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ମୂଲ୍ୟ-ପ୍ରଭାବଶାଳୀତା ହେତୁ ରେଳ ଆଧାରିତ ଲଜିଷ୍ଟିକ୍ସ ପ୍ରତି ବର୍ଦ୍ଧିତ ପସନ୍ଦକୁ ମଧ୍ୟ ଉଲ୍ଲେଖ କରୁଛି। ଏହି ସମସ୍ତ ଉନ୍ନତ ସୁବିଧା ସମ୍ଭବ ହୋଇପାରିଛି କାରଣ ଡିଭିଜନରେ କାର୍ଯ୍ୟଦକ୍ଷତାରେ ବୃଦ୍ଧି, ବିଦ୍ୟମାନ ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ସମଗ୍ର ଡିଭିଜନରେ ଆଧୁନିକ କାର୍ଯ୍ୟପ୍ରଣାଳୀ ଗ୍ରହଣ ଦ୍ୱାରା ସଫଳ ହୋଇଛି।

# କିସ୍ ଛାତ୍ରଛାତ୍ରୀଙ୍କୁ ଶାଲ୍ ଓ ସ୍ୱେଟର ବଣ୍ଟନ



**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଶୀତଦିନ ଆସିଯାଇଥିବାରୁ କିସରେ ଆଜି ଛାତ୍ରୀଙ୍କୁ ଶାଲ୍ ଓ ଛାତ୍ରଙ୍କୁ ସ୍ୱେଟର ବଣ୍ଟନ କରାଯାଇଛି। ପ୍ରତିବର୍ଷ ଶୀତ ଦିନ ଅବ୍ୟବହିତ ପୂର୍ବରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସାଲ୍ ଓ ସ୍ୱେଟର୍ ବ୍ୟବସ୍ଥା କରିଥାନ୍ତି। ଶ୍ରୀ ସାମନ୍ତ ବ୍ୟକ୍ତିଗତ ଭାବେ ବାହାର ରାଜ୍ୟରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଶୀତବସ୍ତ୍ର କ୍ରୟ କରିଥାନ୍ତି। ଚଳିତବର୍ଷ ଶ୍ରୀ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସରେ ପଞ୍ଜାବର ଲୁଧିଆନାରୁ କିସ୍ ଛାତ୍ରୀଙ୍କ ପାଇଁ ୨୦ ହଜାର ସାଲ୍ ଓ ଛାତ୍ରଙ୍କ ପାଇଁ ୨୦ ହଜାର ସ୍ୱେଟର କିଣାହୋଇ ଆସିଛି। ଆଜି କିସ୍ ପରିସରରେ ସେମାନଙ୍କୁ ଏକ ବିରାଟ କାର୍ଯ୍ୟକ୍ରମରେ ବଣ୍ଟନ କରାଯାଇଥିଲା। ଶାଲ୍ ଓ ସ୍ୱେଟର ପାଇ ଛାତ୍ରଛାତ୍ରୀମାନେ ବେଶ ଖୁସି ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଜ୍ୟବସ୍ତୁରୁ ସବୁଜ ଶକ୍ତି କରିବା ଯୋଜନା

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କୁ ମଙ୍ଗଳବାର ଅଏଲ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ରଞ୍ଜିତ ରଥ, ସିଜିଏମ୍ ଶାନ୍ତନୁ କୁମାର ସାଇକିଆ, ଓଜିଇଏଲ୍ ରାଜୀବ କୁମାର ତାମୁଲି ଏବଂ କମ୍ପାନୀର ଅନ୍ୟମାନଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ସାକ୍ଷାତ କରିଛନ୍ତି। ଖାରବେଳ ଭବନରେ ଏହି ସାକ୍ଷାତ ଅବସରରେ ସମଗ୍ର ଓଡ଼ିଶାରେ ବିକଶିତ ହେଉଥିବା ଛଅଟି କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଂଟର ଅଗ୍ରଗତି ଉପରେ ଏହି ଦଳ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରକଳ୍ପର ସମୟସୀମା, କାର୍ଯ୍ୟକ୍ଷମ କରିବା ପାଇଁ ପ୍ରସ୍ତୁତି ଏବଂ ନିୟମିତ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପୌର ବର୍ଜ୍ୟ ପ୍ରଣାଳୀ ସହିତ ଏକୀକରଣ ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶାର ବ୍ୟାପକ ସ୍ୱଚ୍ଛ-ଶକ୍ତି ଏବଂ ଗତିଶୀଳ-ଅର୍ଥବ୍ୟବସ୍ଥା ଦୃଷ୍ଟିକୋଣର ଅଂଶବିଶେଷ ଭାବେ ସହରାଂଚଳର ବର୍ଜ୍ୟବସ୍ତୁଗୁଡ଼ିକୁ ସବୁଜ ଶକ୍ତିରେ ପରିଣତ କରିବାର ଗୁରୁତ୍ୱ ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମତି ପାଢୀ ସ୍ଥାୟୀ ବର୍ଜ୍ୟରୁ ଶକ୍ତି ମଡେଲକୁ ପ୍ରୋତ୍ସାହିତ କରିବା ଉପରେ ସରକାରଙ୍କ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ ଯାହା ବର୍ଜ୍ୟ ବୋଝକୁ ହ୍ରାସ ଏବଂ ସ୍ଥାନୀୟ ଅର୍ଥନୀତିରେ ଯୋଗଦାନ କରିବ। ଅଏଲ ଇଣ୍ଡିଆ ପ୍ରତିନିଧି ଦଳ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବାରେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ ଏବଂ ବିଭାଗ ସହିତ ଘନିଷ୍ଠ ସହଭାଗିତା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଥିଲେ।




ଅଏଲ ଇଣ୍ଡିଆ ଏବଂ ପୌରସଂସ୍ଥା ମଧ୍ୟରେ ତ୍ୱରାନ୍ୱିତ ସମନ୍ୱୟ ପାଇଁ ଏକ ରାଜିନାମା ସହିତ ବୈଠକ ସମାପ୍ତ ହୋଇଥିଲା ଯାହା ଦ୍ୱାରା ସିବିଜି ପ୍ଲାଂଟଗୁଡିକ ଏକ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ ଏବଂ ରାଜ୍ୟର ସବୁଜ-ଅଭିବୃଦ୍ଧି ଏଜେଣ୍ଡାରେ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବ। ଆଲୋଚନା ସମୟରେ ଅତିରିକ୍ତ ସଚିବ ବିନୟ କୁମାର ଦାଶ ଉପସ୍ଥିତ ଥିଲେ।

# ସିବିସି ଏବଂ ପିଆଇବି ଭୁବନେଶ୍ୱର ଦ୍ୱାରା ସଂବିଧାନ ଦିବସ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** କେନ୍ଦ୍ରୀୟ ଯୋଗାଯୋଗ କାର୍ଯ୍ୟାଳୟ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି, ଜାତୀୟ ସମ୍ବିଧାନ ଦିବସ ୨୦୨୫ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ସମ୍ବିଧାନରେ ପ୍ରଦତ୍ତ ମୂଲ୍ୟବୋଧକୁ ପୁନଃନିର୍ମାଣ କରିବା।

ଅଖିଳ କୁମାର ମିଶ୍ର, ଅତିରିକ୍ତ ମହାନିର୍ଦ୍ଦେଶକ, ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର) ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବା ସହ ମୁଖ୍ୟ ଭାଷଣ ପ୍ରଦାନ କରିଥିଲେ। ଏହା ସହିତ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଏବଂ ଡକ୍ଟର ପ୍ରତିମା ସାରଙ୍ଗୀ, ସ୍ନାତକୋତ୍ତର ସାଧାରଣ ପ୍ରଶାସନ ଏବଂ ସାମ୍ବାଦିକତା ବିଭାଗର ମୁଖ୍ୟ, ବିଶିଷ୍ଟ ବକ୍ତା ଭାବରେ ଉପସ୍ଥିତ ଥିଲେ।

ନିଜ ଅଭିଭାଷଣରେ, ଅଖିଳ କୁମାର ମିଶ୍ର କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ସମ୍ବିଧାନ ଦିବସ ପାଳନର ଏକ ପ୍ରାରମ୍ଭିକ କାର୍ଯ୍ୟକ୍ରମ। ୨୬ ନଭେମ୍ବର ୧୯୪୯ରେ ସମ୍ବିଧାନ ଗ୍ରହଣକୁ ମନେ ପକାଇ ସେ ଏହାକୁ ଏକ ଅସାଧାରଣ, ଦୃଢ଼ ଏବଂ ବିକଶିତ ଦଲିଲ୍ ଭାବରେ ବର୍ଣ୍ଣନା କରିଥିଲେ। ଯାହା ୭୫ ବର୍ଷ ଧରି ଭାରତର ଗଣତାନ୍ତ୍ରିକ ଯାତ୍ରାକୁ ମାର୍ଗଦର୍ଶନ କରିଛି। ସେ କହିଥିଲେ ଯେ ସମ୍ବିଧାନ ସମାଜର ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇଛି, ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରି ଦେଶକୁ ବିଭିନ୍ନ ସାମାଜିକ ଏବଂ ରାଜନୈତିକ ଆହ୍ୱାନର ମୁକାବିଲା କରିବାକୁ ସକ୍ଷମ କରିଛି।

ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ, ସମ୍ବିଧାନ କେବଳ ଲୋକଙ୍କୁ ସୁରକ୍ଷା ଦିଏ ନାହିଁ ବରଂ ଭାରତର ଦୀର୍ଘକାଳୀନ ବିକାଶମୂଳକ ଆକାଂକ୍ଷାର ମୂଳଦୁଆ ମଧ୍ୟ ସ୍ଥାପନ କରେ। ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣକୁ ଉଲ୍ଲେଖ କରି ସେ କହିଥିଲେ, ଏହି ଜାତୀୟ ଲକ୍ଷ୍ୟଗୁଡ଼ିକ ସାମ୍ବିଧାନିକ ନୀତିରେ ଗଭୀର ଭାବରେ ନିହିତ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ୨୦୨୫ରେ ସମ୍ବିଧାନ ଦିବସ ପାଳନ କେବଳ ସ୍ମରଣର କାର୍ଯ୍ୟ ନୁହେଁ ବରଂ ଏକ ଦଲିଲର ଉତ୍ସବ ଯାହା ଜାତୀୟ ପ୍ରଗତି ଏବଂ ସାମୂହିକ ଦାୟିତ୍ୱକୁ ପ୍ରେରଣା ଦେଇ ଚାଲିଛି।

କାର୍ଯ୍ୟକ୍ରମରେ ନିଜର ମନ୍ତବ୍ୟ ରଖି ଶ୍ରୀ ଅକ୍ଷୟ କୁମାର ସାହୁ କହିଛନ୍ତି ଯେ, ପ୍ରସ୍ତାବନା ସମ୍ବିଧାନର ଆତ୍ମାକୁ ମୂର୍ତ୍ତିମନ୍ତ କରେ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ କର୍ତ୍ତବ୍ୟ, ଦାୟିତ୍ୱ ଏବଂ ନୈତିକ ଦାୟିତ୍ୱର ଭାବନା ସୃଷ୍ଟି କରେ। ସେ କହିଛନ୍ତି ଯେ ଯଦିଓ ସମ୍ବିଧାନ ଦଶନ୍ଧି ଧରି ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି, ଯେଉଁଥିରେ ମୌଳିକ ଅଧିକାରକୁ ଦୁର୍ବଳ କରିବାର ପ୍ରୟାସ ଏବଂ ଜରୁରୀକାଳୀନ ପରିସ୍ଥିତିର ଅଭିଜ୍ଞତା ଅନ୍ତର୍ଭୁକ୍ତ, ତଥାପି ମୌଳିକ ଗଠନ ତତ୍ତ୍ୱ ଏବଂ ନାଗରିକ ସତର୍କତା ଭଳି ନ୍ୟାୟିକ ସୁରକ୍ଷା ଯୋଗୁଁ ଏହା ଦୃଢ଼ ରହିଛି। 'ନିରନ୍ତର ସତର୍କତା ହେଉଛି ସ୍ୱାଧୀନତାର ମୂଲ୍ୟ' ଉପରେ ଗୁରୁତ୍ୱ ଦେଇ ଶ୍ରୀ ସାହୁ କହିଛନ୍ତି ଯେ, ଯେତେବେଳେ ଲୋକମାନେ ସୂଚନା ପ୍ରାପ୍ତ ହୁଅନ୍ତି, ବିକାଶକୁ ପ୍ରଶ୍ନ କରନ୍ତି ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖନ୍ତି, ସେତେବେଳେ ଗଣତନ୍ତ୍ର ବିକଶିତ ହୁଏ। ସେ ଆହୁରି କହିଛନ୍ତି ଯେ, ସଂଖ୍ୟାଗରିଷ୍ଠ ସରକାର କେତେକ ସମୟରେ ପର୍ଯ୍ୟାପ୍ତ ଯାଂଚ ବିନା ଆଇନ ଲାଗୁ କରିପାରନ୍ତି, କିନ୍ତୁ ଲୋକଙ୍କ ସାମୂହିକ ସ୍ୱର ଶେଷରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରେ ଏବଂ ସମ୍ବିଧାନର ଅଖଣ୍ଡତାକୁ ରକ୍ଷା କରେ। ଏହି ଅବସରରେ ଡକ୍ଟର ପ୍ରତିମା ସାଡ଼ଙ୍ଗୀ କହିଛନ୍ତି ଯେ, 'ଆମେ, ଭାରତର ଲୋକମାନେ' ଶବ୍ଦଗୁଡ଼ିକ ସମ୍ବିଧାନର ଅନ୍ତର୍ଭୁକ୍ତିମୂଳକ ଦର୍ଶନକୁ ପ୍ରତିଫଳିତ କରେ, ଯାହା ସୁନିଶ୍ଚିତ କରେ ଯେ ସମାଜର ଅଶୁଣା ଏବଂ ଅଣପ୍ରତିନିଧିତ୍ୱିତ ବର୍ଗ ମଧ୍ୟ ଜାତୀୟ ଆଲୋଚନାରେ ସ୍ଥାନ ପାଆନ୍ତି। ସେ କହିଛନ୍ତି ଯେ, ସମ୍ବିଧାନ କେବଳ ଏକ ଆଇନଗତ ପାଠ୍ୟ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ପାଇଁ ଗର୍ବର ଉତ୍ସ, ଭାରତର ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଏବଂ ସମାନତାବାଦୀ ନୀତିକୁ ମାର୍ଗଦର୍ଶନ କରେ। ମୌଳିକ ଅଧିକାର, ବିଶେଷକରି ସମାନତାର ଅଧିକାରର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ଏହି ନୀତିଗୁଡ଼ିକ ଏକ ଯୁବ, ବିବିଧ ଏବଂ ଉଦୀୟମାନ ବିଶ୍ୱ ଶକ୍ତି ଭାବରେ ଭାରତର ପରିଚୟକୁ ଗଠନ କରେ ।।

# ମହିଳା ସଶକ୍ତୀକରଣ ଶାସନ ସୁଦୃଢ଼ୀକରଣ ପାଇଁ ଏକ ରଣନୀତିକ ଆବଶ୍ୟକତା

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ଶାସନ ସୁଦୃଢ଼ୀକରଣ ଓ ଏକ ଅନ୍ତର୍ଭୁକ୍ତ ସଂସ୍କୃତି ସୃଷ୍ଟି ନିମନ୍ତେ ମହିଳା ସଶକ୍ତୀକରଣ ଏକ ରଣନୈତିକ ଆବଶ୍ୟକ ବୋଲି ଭାରତରେ ଅବସ୍ଥାପିତ ୮ଟି ଦେଶର କୂଟନୀତିଜ୍ଞ ଓ ପ୍ରତିନିଧି ସୋମବାର ମତ ପ୍ରଦାନ କରିଛନ୍ତି।

ଚିରାଚରିତ ପୁରାତନ ପ୍ରଥାକୁ ଭାଙ୍ଗି ମହିଳାମାନଙ୍କୁ ସମାନ ଅଧିକାର ଦେବା ସହ ବିକାଶ ଏବଂ ସୁଶାସନ ନିମନ୍ତେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ରିଡିଫାଇନିଂ ଲିଡରସିପ୍ : ଦ ରାଇଜ ଅଫ୍ ଓ୍ୱିମେନ୍ ଇନ୍ ଗ୍ଲୋବାଲ ଗଭର୍ଣ୍ଣାନ୍ସ' ଶୀର୍ଷକ ପ୍ରସଙ୍ଗରେ ଏହି ବକ୍ତାମାନେ ମତ ରଖିଛନ୍ତି।

ଶାସନ କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନର ଆବଶ୍ୟକତା ରହିଛି ଏବଂ ସେମାନେ ପୂର୍ଣ୍ଣମାତ୍ରାରେ ଏଥି ସହିତ ଜଡ଼ିତ ହେବା ଉଚିତ୍। କାରଣ ସେମାନେ ଯାହା ବି କାର୍ଯ୍ୟ କରିଥାନ୍ତି ସେଥିରେ ନୂତନ ଉଦ୍‌ଭାବନ ଏବଂ ନୂତନତ୍ୱର ଛାପ ରହିଥାଏ ବୋଲି କହିଛନ୍ତି ସ୍ପେନ୍‌ର ରାଷ୍ଟ୍ରଦୂତ ଶ୍ରୀ ଜୁଆନ୍ ଆନ୍‌ଟୋନିଓ ମାର୍ଚି ପୁଜୋଲ।

ଶାସନର କେନ୍ଦ୍ର ସ୍ଥଳରେ ମଣିଷର ସମ୍ମାନ ରହିବା ଉଚିତ୍ ଏବଂ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ନେତୃତ୍ୱ କେବଳ କିଛି ହାତଗଣତିଙ୍କ ଦାୟିତ୍ୱ ନୁହେଁ। ଏହା ସାମୁହିକ ଏବଂ ଦୟାପୂର୍ବକ ହେବା ଉଚିତ୍ ବୋଲି ଶ୍ରୀ ପୁଜୋଲ କହିଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଗାଏନାର ରାଷ୍ଟ୍ରଦୂତ ଶ୍ରୀ ଧର୍ମକୁମାର ସିରାଜ, ଆଲଜେରିଆର ରାଷ୍ଟ୍ରଦୂତ ଡକ୍ଟର ଆବଡେନୋର ଖେଲିଫି, ମାଲଦ୍ୱୀପର ହାଇକମିଶନର ଶ୍ରୀମତି ଆଇସେତ ଆଜିମା, ସେସେଲ୍ସର ହାଇକମିଶନର ଶ୍ରୀମତି ହାରିସୋଆ ଲାଲାଟିଆନା ଆକୋଉଚେ, ଗାଏନା ଏମ୍ବାସୀର ଫାଷ୍ଟ ସେକ୍ରେଟାରୀ ଶ୍ରୀ କେଶଭ ପରସାଉଦ ତେୱାରୀ, ଟିମୋର ଲେଷ୍ଟେ ଏମ୍ବାସୀର ସେକେଣ୍ଡ ସେକ୍ରେଟାରୀ ଶ୍ରୀ ଆନେ୍‌ଟୋନିଓ ମାରିଆ ଦେ ଜେସସ୍ ଦୋସ ସାନ୍ତୋଷ ଏବଂ ବଲିଭିଆ ଏମ୍ବାସୀର କାଉନ୍‌ସେଲର ଶ୍ରୀମତି ଆର୍ଲେଟ ଗାବ୍ରିଏଲା ବୁସ୍ତାମାଂଟେ ଗାର୍ସିଆ ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ପ୍ରସଙ୍ଗକୁ ରୋଚକ ବୋଲି ଦର୍ଶାଇ ଶ୍ରୀ ସିରାଜ କହିଥିଲେ ଯେ ଗାଏନା ୮ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏକ ଛୋଟ ଦେଶ ହୋଇଥିଲେ ମଧ୍ୟ ମହିଳାମାନେ ଏଠାକାର ଶାସନ କ୍ଷମତାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ବେଳେ ଶାସନତନ୍ତ୍ରରେ ଏକତା ଓ ସମାନତା ଆଣିବା ଏହି ଦେଶର ପ୍ରୟାସ। ମହିଳାମାନଙ୍କର ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସଶକ୍ତୀକରଣ କ୍ଷେତ୍ରରେ ଏହି ସରକାର ଖୁବ ଯତ୍ନବାନ ବୋଲି ସେ କହିଥିଲେ। ଗାଏନାରେ ପ୍ରାୟ ୯୦ ହଜାର ମହିଳା ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ନେଇସାରିଥିବା ବେଳେ ଆହୁରି ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଦେଶର ୩୭ ପ୍ରତିଶତ ଲୋକ ସଂଖ୍ୟା ମୂଳ ଭାରତୀୟ ଅଟନ୍ତି। ଆଲ୍‌ଜେରିଆର ରାଷ୍ଟ୍ରଦୂତ ଡକ୍ଟର ଖେଲିଫି କହିଥିଲେ ଯେ ତାଙ୍କ ଦେଶରେ ମହିଳାମାନେ ନେତୃତ୍ୱ କ୍ଷେତ୍ରରେ ଅସୀମ ସାହସ ପ୍ରଦର୍ଶନ କରିଥିବା ବେଳେ ମହିଳାମାନଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସମସ୍ତ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯାଉଛି।

# ଆଦିବାସୀ ଆରୋଗ୍ୟକାରୀ ସାକ୍ଷାତକାର କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ରାଜ୍ୟସ୍ତରୀୟ ଆଦିବାସୀ ଆରୋଗ୍ୟକାରୀ ସାକ୍ଷାତକାର ୨୦୨୫ ର ଉଦଘାଟନ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସସିଏସଟିଆରଟିଆଇ) ରେ ହୋଇଯାଇଛି । ଏହି ଅବସରରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଏସସିଏସଟିଆରଟିଆଇର ପୂର୍ବତନ ନିର୍ଦ୍ଦେଶକ ତଥା ଜନଜାତି ବିଶେଷଜ୍ଞ ପ୍ରଫେସର ଡ଼ଃ ଏ.ବି ଓତା, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଡ଼ଃ ବେଦ ପ୍ରିୟା ଆର୍ଯ୍ୟା, ଏସସିଏସଟିଆରଟିଆଇର ନିର୍ଦ୍ଦେଶକ ସୁଧାକର ଶବର, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍ ଉପସ୍ଥିତ ରହି ଆଦିବାସୀ ଜ୍ଞାନ ପ୍ରଣାଳୀ ଏବଂ ପାରମ୍ପରିକ ପରମ୍ପରାକୁ ସଂରକ୍ଷିତ କରିବା, ଏହାକୁ କିପରି ଆଗକୁ ବଢ଼ାଯିବ ସେ ନେଇ ଆଲୋଚନା କରିଥିଲେ । ଆୟୁର୍ବେଦ ଔଷଧ ଓ ଚିକିତ୍ସା ପଦ୍ଧତିକୁ ଅଧିକ ବ୍ୟାପକ କରିବା ନିମନ୍ତେ ବୈଜ୍ଞାନିକ ଓ ଆଧୁନିକ ଜ୍ଞାନକୌଶଳକୁ ବ୍ୟାପକ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଫେସର ଡ଼ଃ ଏ.ବି ଓତା ସମସ୍ତଙ୍କ ମିଳିତ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଦିବାସୀ ଆରୋଗ୍ୟକାରୀମାନଙ୍କ ପାରମ୍ପରିକ ଅଭ୍ୟାସଗୁଡ଼ିକର ବୈଧିକରଣ କରିବା ନିମନ୍ତେ ମତପ୍ରକାଶ କରିବା ସହ ଏସସିଏସଟିଆରଟିଆଇମାଧ୍ୟମରେ ବିଭିନ୍ନ ଅନୁଷ୍ଠାନର ଏକ ମିଳିତ ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି । ସେହିପରି ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ରିସର୍ଚ୍ଚ ଡିଭିଜନ୍ ମୁଖ୍ୟ ଡ଼ ବେଦ ପ୍ରିୟା ଆର୍ଯ୍ୟା ଉପସ୍ଥିତ ରହି ଆୟୁର୍ବେଦର ସମୃଦ୍ଧ ଐତିହ୍ୟ ଓ ଏହାର ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଛନ୍ତି । ଆୟୁର୍ବେଦ ଔଷଧର ଡକ୍ୟୁମେଣ୍ଟେସନ୍ ର ଆବଶ୍ୟକତା ସମ୍ପର୍କରେ ସେ ଗୁରୁତ୍ୱରୋପ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇ ସୁଧାକର ଶବର ପାରମ୍ପରିକ ଔଷଧ ଓ ଚିକିତ୍ସାପଦ୍ଧତିର ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ଫୋରମ୍ ରେ ଆଦିବାସୀ ଆରୋଗ୍ୟକାରୀଙ୍କୁ ସୁଯୋଗ ପ୍ରଦାନ କରିବା ନେଇ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଛନ୍ତି । କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଆଦିବାସୀ ଜ୍ଞାନ ପ୍ରଣାଳୀକୁ ସମ୍ମାନିତ କରିବା, ଜ୍ଞାନ ଆଦାନପ୍ରଦାନକୁ ସହଜ କରିବା ଏବଂ ପାରମ୍ପରିକ ଶୈଳୀ ମାଧ୍ୟମରେ ପିଢ଼ି ପରେ ପିଢ଼ି ଧରି ଚାଲିଆସିଥିବା ଆଦିବାସୀ ଚିକିତ୍ସା ଅଭ୍ୟାସଗୁଡ଼ିକର ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟାକୁ ସୁଦୃଢ଼ କରିବା । କାର୍ଯ୍ୟକ୍ରମରେ ଆନ୍ଥ୍ରୋପୋଲୋଜି, ଉଦ୍ଭିଦ ବିଜ୍ଞାନ, ଆୟୁର୍ବେଦ, ଜନସ୍ୱାସ୍ଥ୍ୟ ପ୍ରମୁଖ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଅଧିବେଶନ ଏବଂ ପ୍ୟାନେଲ ଆଲୋଚନା ସହିତ ସ୍ୱଦେଶୀ ଚିକିତ୍ସା ପଦ୍ଧତିର ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିବ ।

# ବିଜେବି କଲେଜରେ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୮।୧୧ (ମହାଭାରତ):** ନିର୍ବାଚନ ସାକ୍ଷରତା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଏକ ନିର୍ବାଚନୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତ ଭଳି ଏକ ବିଶାଳ ଦେଶରେ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ସଠିକ ସଂସ୍ଥାପନ, ସାମ୍ବିଧାନିକ ସ୍ୱାଧୀନତାର ଉତ୍ତରଦାୟିତ୍ୱ, ଭାରତ ନିର୍ବାଚନ ଆୟୋଗର ସମୟର ଆବଶ୍ୟକତା ଅନୁଯାୟୀ ସଶକ୍ତ ପଦକ୍ଷେପ, ନାଗରିକମାନଙ୍କର ମତଦାନ ଅଧିକାର, ନିର୍ବାଚନର ନୀତିନୈତିକତା, ନାଗରିକ ସଚେତନତା ମାଧ୍ୟମରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଉତଥାନରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ ।



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବିଶେଷ କରି ନୂଆପଡା ଉପନିର୍ବାଚନ ସମୟରେ ପ୍ରକାଶ ପାଇଥିବା ଇଭିଏମ ଓ ନିର୍ବାଚନର ସ୍ୱଚ୍ଛତା, ଭୋଟ୍ ଜାଲିଆତି ଆଦି ବିଭିନ୍ନ ମିଥ୍ୟା ଓ ବିଭ୍ରାନ୍ତିକର ସୂଚନା ସମ୍ବଳିତ ସମସ୍ତ ପ୍ରଶ୍ନର ସରଳ ଓ ସାବଲୀଳ ଉତର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ରଖିଥିଲେ । ଛାତ୍ରଛାତ୍ରୀମାନେ ନିଜେ ସଚେତନ ହେବା ସହିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସାମାଜିକ ଗଣମାଧ୍ୟମରେ ପ୍ରଦତ ଭିଡିଓ ସୂଚନାର ସମୁଚିତ ରିଲସ କରି ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ସାହୁ ଛାତ୍ରଛାତ୍ରୀମାନଙ୍କୁ ନୂଆ ଭୋଟର ଭାବେ ନାମ ପଞ୍ଜିକରଣ (ଫର୍ମ ୬), ନାମ ଅପସାରଣ (ଫର୍ମ ୭), ଭ୍ରମ ସଂଶୋଧନ (ଫର୍ମ ୮), ଆଧାର ସହ ଭୋଟର କାର୍ଡ ସଂଯୋଗୀକରଣ (ଫର୍ମ ୬ ଖ), ସ୍ୱତନ୍ତ୍ର ସଘନ ସଂଶୋଧନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସୂଚନା ଦେଇଥିଲେ । ଇସିଆଇ ନେଟ ଆପ, ଭୋଟର ହେଲ୍ପଲାଇନ ଭଳି ଉପକାରୀ ଆପ ବାବଦରେ ମଧ୍ୟ ସୂଚନା ଦେବାସହ ନିର୍ବାଚନ ସାକ୍ଷରତା କ୍ଲବର ଜଣେ ଜଣେ ସକ୍ରିୟ ସଦସ୍ୟ ହୋଇ ଭାରତୀୟ ଗଣତନ୍ତ୍ରକୁ ଅଧିକ ସଶକ୍ତ ଓ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଶ୍ରୀମତୀ ସ୍ମିତା ରଥ, ଇଆରଓ, ଏକାମ୍ର ଶ୍ରୀ ଏସ ପ୍ରକାଶ କୁମାର ପାତ୍ର, ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) ମହାବିଦ୍ୟାଳୟର ସହକାରୀ ପ୍ରଫେସର ଶ୍ରୀ ସବୀନ୍ଦ୍ର ସାମଲ ଏବଂ ଶତାଧିକ ଛାତ୍ର-ଛାତ୍ରୀ ଯୋଗଦେଇଥିଲେ । ଆଗାମୀ ଦିନରେ ଏହି ନିର୍ବାଚନୀ ସଚେତନତା କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ କରାଯିବ।

# ମଣ୍ଡି ଉପରେ ଦଲାଲଙ୍କ ନଜର

ପ୍ରକୃତ ଚାଷୀ ଧାନ ଗଦା କରି ଅପେକ୍ଷା କରୁଛି କେବେତେବେଳେ ଧାନ ବିକ୍ରୀ ହେବ। କିନ୍ତୁ ବର୍ଷାରେ ଧାନ ଓଦା ହୋଇ ନଷ୍ଟ ହେଉଛି ସିନା ବିକ୍ରୀ ହୋଇପାରୁନି। ଏହାକୁ କହନ୍ତି ଅନ୍ୟାୟ। ଏହା ଚାଷୀଙ୍କ ତଣ୍ଟି ଚିପିବା ସହ ସମାନ। ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। ମୁଦ୍ରାସ୍ଫୀତି ଅନେକାଂଶରେ କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ଯେତେବେଳେ ଉଭୟ ଖରିଫ ଏବଂ ରବି ଫସଲ ଉତ୍ପାଦନ ଅଧିକ ହୁଏ ସେତେବେଳେ ଅଭିବୃଦ୍ଧି ହାର ବୃଦ୍ଧି ପାଏ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହେ। କୃଷି ହେଉଛି ଭାରତର ଶକ୍ତି। ସ୍ୱାଧୀନତା ପରେ ଭାରତରେ ଖାଦ୍ୟ ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଇଛି। ଅନେକ ଖାଦ୍ୟରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। କିନ୍ତୁ ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ତାହା ବି ଯଥେଷ୍ଟ ହେଉନି। ଡାଲି, ଖାଇବା ତେଲ ଭଳି ଅନେକ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି। କିନ୍ତୁ ଭାରତରେ ଯେତେ ଜମି ପଡ଼ିଆ ପଡୁଛି ତହାର ଯଦି ସଦୁପଯୋଗ ହୋଇପାରନ୍ତା ଏବଂ ଉପଯୁକ୍ତ ପରିମାଣର ସାର ଓ କୀଟନାଶକ ବ୍ୟବହାର ହୁଅନ୍ତା ତେବେ ଖାଦ୍ୟ ଉତ୍ପାଦନ ତିନିଗୁଣ ହୋଇପାରନ୍ତା। ବଳକା ଖାଦ୍ୟ ସାମଗ୍ରୀ ରପ୍ତାନୀ କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତା। ଏବେ ବି ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ଏହାର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଦେଶର କୃଷକଙ୍କୁ ମିଳିବା ଉଚିତ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି, ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ଶିଳ୍ପ ସବୁ କ୍ଷେତ୍ରରେ ଅଗ୍ରଗତି ହାସଲକରିଛି। ଏହାର ପଛରେ କୃଷି ବିକାଶ ରହିଛି। ଯେତେବେଳେ ଆମ ପଡ଼ୋଶୀ ପାକିସ୍ତାନରେ ଖାଦ୍ୟାଭାବରୁ ହାହାକାର ପଡ଼ିଛି,ସେତେବେଳେ ଭାରତ ବିଦେଶକୁ ଖାଦ୍ୟ ରପ୍ତାନୀ କରୁଛି। ବିଶ୍ୱ ଅର୍ଥନୀତିରେ ସଙ୍କଟ ବେଳେ ଭାରତ ସଫଳତାର ସହ ଏହାର ମୁକାବିଲା କରିପାରିଛି। କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି। ଅନେକ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି। ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି। ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି। ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି। ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି। କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ।

ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର।

# ପକେଟମାରୁକୁ ସାବଧାନ

॥ ଅଜୟ କୁମାର ବେହେରା ॥

ଜନଗହଳି ଲାଗିଥିବା ସ୍ଥାନ, ଯଥା ରଥଯାତ୍ରା, ମକରମେଳା, ହାଟ, ବାଲିଯାତ୍ରା, ସଦୃଶ ସାମୟିକ ଭିଡ଼ ତଥା ରେଲଷ୍ଟେସନ ବସଷ୍ଟାଣ୍ଡ ଆଦି ସବୁ ଦିନଆ ଭିଡ଼ ସ୍ଥାନରେ ଅନେକ ସ୍ଥଳରେ କାନ୍ଥବାଡ଼ରେ ଏପରି ଧାଡ଼ିଏ ସାଇନବୋର୍ଡ଼ ଲେଖାଯିବା ଦେଖାଯାଏ ପୁଣି ଯାତ୍ରା କର୍ତ୍ତୃପକ୍ଷ ବା କେହି ସଂସ୍ଥା ଡାକବାଜୀ ଯନ୍ତ୍ରରେ ମଧରେ ମଧରେ ଏପରି ଧାଡ଼ିଟିକୁ ବାରମ୍ବାର ପ୍ରଚାର କରୁଥାନ୍ତି। ଯେଉଁମାନେ କିଛି କଣିବାକୁ ଅର୍ଥ ଧରି ଆସିଥିଲେ ସେମାନେ ଗୁପ୍ତ ଭାବରେ ପକେଟରେ ଅଣ୍ଟାରେ ଭାନିଟ ବ୍ୟାଗରେ ମନି ବ୍ୟାଗରେ ରଖିଥିଲେ ଏଇ ଧାଡ଼ିଟି ପଢ଼ିବା ପୁଣି ଠିକ ଧନ ରଖିବା ସ୍ଥାନକୁ ଲୋକେ ସାଥି ସାଥି ଖୋଜ କରି ସାବଧାନ ହୋଇଥାନ୍ତି। ମାତ୍ର ଚୋର ଜଣକ ପୋଷାଦାର ହୋଇ ପର୍ଯ୍ୟବେକ୍ଷଣ ଯଦି ଏପରି କେତେ ଲୋକଙ୍କୁ ଦେଖି ନିଅନ୍ତି। ସେମାନେ ବ୍ୟକ୍ତିର ଅଙ୍ଗସଞ୍ଚାଳନ ହାତର ସ୍ପର୍ଶ ସ୍ଥାନ ଜାଣି ସେଠାରୁ କିଛି ଧନ ହରଣ କରାଯାଇପାରିବ ଏହାର ଯାଜନା ତତ୍କାଳ ଆରମ୍ଭ କରି ତାର ପିଛା କରନ୍ତି ଓ ଉଦ୍ଦିଷ୍ଟ ସ୍ଥାନରୁ ଧନ ଅପହରଣ ବା ଲୁଟି ନିଅନ୍ତି। କେହି ଉପଦେଶ ଦେବା ଭୁଲ ନୁହଁ ମାତ୍ର ଯେ ଅର୍ଥ ନେଇ ଆସିଛନ୍ତି ତାଙ୍କର ପ୍ରଚାର ପୂର୍ବ ଅବସ୍ଥା ପର ଅବସ୍ଥାରେରେ ଅନେକ ହଠାତ ପରିବର୍ତ୍ତନ ଏପରି ଠକେଇର ଶିକାରକୁ ଖୋରାକ ଯୋଗାଇଥାଏ। ପକେଟମାରମାନେ ଏକ ପ୍ରକାର ମନସ୍ତାତ୍ତ୍ୱିକ। ଏମାନେ ଏଇ ବିଦ୍ୟାକୁ ଭଲ ମାର୍ଗରେ ଲଗାଇଥିଲେ ବହୁ ଲୋକ ପ୍ରିୟ ବା ପୂଣ୍ୟାର୍ଜନ କର୍ମ କରିପାରନ୍ତେ ମାତ୍ର ଯାହା ପାପ ଓ ଭୁଲ ମାର୍ଗ ସେ ମାର୍ଗରେ ସେମାନେ ଯାଇ ତାଙ୍କର ରୋଜିରୋଟି ସଂଗ୍ରହ କରନ୍ତି। ସଂସାରରେ ଯେତେ ପୋଲିସ ବଢୁଛନ୍ତି ସେତେ ଅପରାଧ ବି ବଢୁଛନ୍ତି। ଚୋରୀ ପକେଟ ମାରୁ ଅପରାଧୀମାନେ ବେଳକୁ ବେଳ ନିର୍ଭୀକ ନିଧଡ଼କ ହୋଇ ତାଙ୍କ କାମ କରିବାରେ ବ୍ୟସ୍ତ। ଏସବୁର ନିରାକରଣ ଜଡ଼ ବର୍ତ୍ତମାନ ଅର୍ଥବ। ଶିକ୍ଷାର କୁମ୍ଭାରଶାଳ ହେଉଛି ପ୍ରାଥମିକ ବିଦ୍ୟାଳୟ ଏଠାରେ ପୂର୍ବେ ଶିକ୍ଷକମାନେ ଭବିଷ୍ୟତର ଅପାରାଧି ନହେବା ପାଇଁ ତାଙ୍କ ଛାତ୍ରଛାତ୍ରୀଙ୍କୁ ଦୁଷ୍ଟାମୀ ଅମନଯୋଗୀରୁ ନିବୃତ୍ତି ପାଇଁ କିଛି ଭୟ ପ୍ରଦର୍ଶନ ଛାଟ ବେତ ଭୟ ଶାରୀରିକ ଦଣ୍ଡ କାନ ଧରି ବସଉଠ କରାଇବା ଆଣ୍ଠେଇବା ଶ୍ରେଣୀରେ ଅନ୍ୟ ଛାତ୍ରଙ୍କ ଆଗରେ ଅପମାନ ସୂଚକ କଥା କହି ବା ବେଞ୍ଚରେ ଠିଆ କରାଇବା ଆଦି କରାଉଥିଲେ। ଶ୍ରେଣୀରେ ପାଠ ପଢ଼ାରେ ହେଳା କରୁଥିଲେ ଏପରି ଗୁରୁ ଲଘୁ ଦଣ୍ଡ ବିଧାନ ମାନ ଲଗାଇ ପିଲାକୁ ବାଟକୁ ଆଣୁଥିଲେ। ପିଲାର ମୂରବୀଜନ ବାପା ମାଆ ଶିକ୍ଷକଙ୍କର ଏପରି ଦଣ୍ଡବିଧାନକୁ ବିରୁଦ୍ଧ କରୁନଥିଲେ। ସେମାନେ ବରଂ ଶିକ୍ଷକଙ୍କୁ ପିଲାକୁ ମଣିଷ କରିବାକୁ ଯାହା କରିବାକଥା କରନ୍ତୁ। ଏପରି କହୁଥିଲେ। କିନ୍ତୁ ସମୟ ଆସିଲା ମୂରବୀମାନେ ପିଲାଙ୍କୁ ମୁହଁ ବଢ଼ାଇଲେ। ଶିକ୍ଷକମାନେ ଚାକିରୀ ଭୟ ଆକ୍ରୋଶରେ ପଡ଼ିବା ସହିତ ମିଥ୍ୟାରୋପରୁ ନିଜେ ରକ୍ଷା ପାଇଁ କେବଳ ସ୍ୱ ଡିଉଟି ବତ୍ରୀ ରହି ଦରମା ହାସଲ ପାଇଁ କାମ କରିବାରେ ଲିପ୍ତ।

ବିଦ୍ୟାଳୟରେ ଏକ ଧାନିର କେଇଟି ନାଲି ଅକ୍ଷର ସାର୍ଟିଫିକେଟ ପ୍ରମାଣ ପତ୍ର ଶିରୋନାମାରେ ଡାହାଣ ପଟରେ ଚରିତ୍ର ପାଖରେ ଉତ୍ତମ ଏ ତିନି ଅକ୍ଷର ଲେଖି ଦେଇ ପିଲାର ଭବିଷ୍ୟତକୁ ଉଚ୍ଚଶିକ୍ଷା ଚାକିରୀ ବାଣିଜିକ ରଣ ପାଇଁ କିଛି ବ୍ୟବସ୍ଥା କରିଛନ୍ତି। ପ୍ରକୃତରେ କଣ ଶିକ୍ଷକଙ୍କ ପ୍ରତି ଅଶୋଭନୀୟ ଆଚରଣ ଦୁଷ୍ଟାମୀ ବିଦ୍ୟାରେ କପି, କପଟ ଆଚରଣ ଏଥିରେ ନିବାରଣ ହୋଇଛି କି ? ଏଇ ପକେଟମାରୁ ଚୋରୀ ବିଦ୍ୟା ସେହି ବିଦ୍ୟାଳୟ ପଠନ କାଳୀନ ଅବେଉଷଣିଆ ଶିକ୍ଷା ଲାଭର ସାର୍ଟିଫିକେଟ ଶିକ୍ଷା ସମାପ୍ତିର ଗହନ କଥାର ସମୟ। ପୋଲିସ ହାତରେ ମୋଟା ଠେଙ୍ଗା ସେ ପୁଣି ମୋଟା ବେତ। ଶିକ୍ଷକଙ୍କ ହାତରେ ଥିଲା ସରୁବେତ। ସରୁବେତ ମାଡ଼ରୁ ଖସି ପୋଲିସର ମୋଟା ଠେଙ୍ଗା କଥାକୁ ବିଦ୍ୟାଳୟ ଶେଷ ପରେ ଆସିବା ଦେଖାଯାଉଛି ପୁଣି ପୂର୍ବେ ପିଲାଟି ବିଦ୍ୟାଳୟରୁ ପାଠ ନପଢ଼ି ଖସି ପଳାଇଲେ ଘରୁ ଆସି ବିଦ୍ୟାଳୟରେ ନପହଞ୍ଚିବା ବା ରାସ୍ତା ଖେଳିବୁଲି ବିଳମ୍ବରେ କ୍ଲାସ ଶେଷରେ ପହଞ୍ଚିବା ବା ବିଦ୍ୟାଳୟର କାର୍ଯ୍ୟ ସମୟର ନସାରି ଘରକୁ ପଳାଇଲେ ଏକ ଅର୍ଥଦଣ୍ଡ ଜୋରିମାନା ଦରମାରେ ଆଦାୟ ହେଉଥିଲା ଯାହା ତାର ଗୁରୁଜନଙ୍କୁ ବହନ କରିବାକୁ ପଡୁଥିଲା। ଏତଦ୍ୱାରା ଗୁରୁଜନମାନେ ସେ ପିଲାଟିକୁ ଅନେକ ଭର୍ତ୍ସନା ବି ଗୃହରେ କରୁଥିଲେ। ବର୍ତ୍ତମାନ ଅପରାଧି ପାଇଁ ତାର ଘରର ଲୋକେ ଅର୍ଥଦଣ୍ଡ ଦେଉଛନ୍ତି। ହାତଗୁଞ୍ଜା ଦେଇ କେମିତି ଅପରାଧିଟି ପାଇଁ ନରମ କୋର୍ଡ଼ ଲଗାଇବାକୁ କାକୁତିମିନତୀ ହେଉଛନ୍ତି। ପୂର୍ବେ ବିଦ୍ୟାଳୟ ଶିକ୍ଷା ପରେ ଗୃହରେ କୌଳିକ ବୃତ୍ତିର ଶିକ୍ଷା ଅନେକଙ୍କ ଘରେ ହେଉଥିଲା। ଶୀଘ୍ର ଅଳ୍ପ ବୟସରେ ବିବାହାଦି ସାରି ଦିଆଯାଉଥିଲା। ଏଥିରେ ବିଭିନ୍ନ ଅପରାଧ ନିବାରଣ ସହଜରେ ଚାପି ହୋଇ ରହୁଥିଲା। ହାତରେ କାମ ରହିଲେ ଅପରାଧକୁ ସମୟ ମିଳୁନଥିଲା। ଯାହା ଏବେ ଅପରାଧକୁ ଖୋରାକ ଯାଗାଉଛି। ମମତା ଏକ ବିରାଟ ବନ୍ଧନ ବେଢ଼ି ଦଉଡି ନଥିବା ବନ୍ଧନ ହେଉଛି ମମତା ପିଲାଙ୍କୁ ଅତିସ୍ନେହ କରିବା। ପିଲାକୁ ସ୍ୱାସାଥିରେ ବସାଇ ଭୋଜନ କରାଇବା ମାଆଙ୍କ ହାତରନ୍ଧା ନିତ୍ୟ ଭୋଜନ ଖାଇବା ଘରେ ବର୍ଷଯାକ ପିଠାପଣା ପ୍ରସ୍ତୁତ କରି ଭୋଜନ କରାଇବା, ସାମାଜିକ ସ୍ତରରେ ବନ୍ଧୁବାନ୍ଧବ ବିବାହ ବ୍ରତ ଜନ୍ମଦିନ ଆଦିରେ ଦାୟିତ୍ୱ କିଛି ନିଭାଇବା ତହିଁରେ ପ୍ରସ୍ତୁତ ମୂଲ୍ୟବାନ ରୁଚିକର ଖାଦ୍ୟ ପାନୀୟ ଖାଇବା ଦ୍ୱାରା ସାମାଜିକ ସ୍ଥିତି ପ୍ରଗାଢ଼କୁ ବନ୍ଧୁ ବାନ୍ଧବ ମେଳି ସମ୍ପର୍କ ରହିବା ଠିକ ଥିଲା। ଏ ସମୟରେ ମାମୁଁ ମଉସା ପିଉସା ମାଉସୀ ପିଇସ ଏପରି ସମ୍ପର୍କ ଅନେକ ପ୍ରକାର ବାଧାପ୍ରଦ ସୂର୍ଯ୍ୟବନ୍ଧୁ ଅନେକ ଅନେକ ସ୍ୱ ଜାତିରେ ବିବାହକୁ ହେୟଜ୍ଞାନ କଲେଣି। ଏପରି ବିବହରେ ଅନେକ ଭୋଜି ଖାଇବାକୁ ଯାଇ ଏକ ଦୁର୍ବଳ ଅନୁଭୂତି ଭୁଲ କାମକୁ ପ୍ରଶ୍ରୟ ଦେବା ଦେଖୁଛନ୍ତି ମିଛ କଥାରେ ରୋଜଗାର ଜାଲିଆତିରେ ରୋଜଗାରରେ ଗାଡ଼ିବାଡ଼ି ବ୍ୟବହାର କ୍ରୟ ଚାଲୁଛି। ଲୋକେ ଏପରି ହେବାକୁ ଆଉ ଅପରାଧି ଭାବୁ ନାହାଁନ୍ତି। ପୂର୍ବେ ଜେଲଖାନା ଗଲେ ଘରକୁ ଆସିଲେ ଜାତିରେ ଅଟିକ ସାମାଜିକ ବାଛନ୍ଦ ହେଉଥିଲେ ଜାତି ହେଉଥିଲେ ଶରୀର ଶୁଦ୍ଧି ପାଇଁ କାୟଶୁଦ୍ଧି କରୁଥିଲେ। ଏପାଇଁ ବିପ୍ରଭୋଜନ ଜ୍ଞାତି ଭୋଜନପରି ଅର୍ଥ ଶ୍ରାଦ୍ଧ ଧନ୍ଦା ଥିଲେ। ଏବେ ଅପରାଧ କରି ଜେଲ ଯାଇ ଜାମିନ ପ୍ୟାରେଲ ବା ଛାଡ଼ପାଇ ଆସିବା ଦିନ ସାଥି ବନ୍ଧୁ ଫୁଲମାଳ ଦେଇ ଜେଲରୁ ପାଛୋଟି ଆଣୁଛନ୍ତି। ଏଥିରେ କେମିତି ଅପରାଧ ନିବାରଣ ହେବ ?

ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର। ସମ ବୟସ୍କ ବ୍ୟକ୍ତି ବହୁ ଥାଟବାଟରେ ପିତାମାତା ରୋଜଗାର କଳା ଟଙ୍କାରେ ଅୟସ କରୁଛନ୍ତି। ଅନେକ ଦେଖି ଦେଖି କୁମାର୍ଗକୁ ଯିବାକୁ ଉପାୟ ବାଛୁଛନ୍ତି। ପୂର୍ବେ ଲୋକେ ପେଟ ଭରି କେମିତି ଖାଦ୍ୟ ଖାଇବେ କୁମାରୀ ଝିଅଙ୍କ କେମିତି ବିବାହ ହେବ। ବ୍ରାହ୍ମଣ ଗରିବ ପିଲା କେମିତି ଉପନୟନ ହେବ, ପ୍ରତି ଗ୍ରାମ ସାହିରେ ବାରମ୍ବାର ଜନ୍ମଦିନ ପର୍ବ ବିବାହ ବ୍ରତରେ ଭୋଜି ଭାତର ବ୍ୟବସ୍ଥା କରାଯାଉଥିଲା। ଏବେ ଏହା କାହାରି ଘରେ ହେଉନାହିଁ। କଲ୍ୟାଣ ମଣ୍ଡପ ହୋଟେଲରେ ହେଉଛି କାହାରି ପେଡ଼ାଶୀ ଜାତି ସହଯୋଗ ଦରକାର ପଡୁନାହିଁ ଫଳରେ ସୂର୍ଯ୍ୟବନ୍ଧୁମାନେ ଭୋଜି ଭାତକୁ ଦେୟ ଭୋଜିରେ ଯୋଗ ଦେଉଛନ୍ତି ମୂଳ ଘରର ଦାରିଦ୍ର୍ୟ ଖଣ୍ଡନ ଏଥିରେ କରାଯାଉନାହିଁ।

ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇ ଏଇ ବେକାରୀ ହଟାଇବା ଉପାୟ କରିପାରିଲେ ଅନେକ ଅପରାଧ କମିବାକୁ ଆରମ୍ଭ କରିବ ଓ ଶିକ୍ଷାକୁ କଡ଼ାକଡ଼ି ନିୟମ ରକ୍ଷିମାର୍ଗର ଶିକ୍ଷା କରାଇବାକୁ ପଡ଼ିବ। ଆବାସିକ ଶିକ୍ଷା ଏଥିରେ ଗୋଟିଏ ଭଲ ଉପାୟ। ଯହିଁରେ ପିଲାମାନେ ମୂଳରୁ ନିଜ କାମ ନିଜେ କରିବା ଶିକ୍ଷା କରିବେ ଓ ଧନ୍ଦାମୂଳକ ଶିକ୍ଷା ଲାଭ କରିପାରିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ

ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ୱଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି। ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେ଼ଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି। ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୭୪୮୮୯୯୮୫୩୨,

# ନିଶାମୁକ୍ତ ସମାଜ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମୁଣ୍ଡ ଉପରେ ନିର୍ବାଚନ। ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ନିର୍ବାଚନ ଇସ୍ତାହାରରେ ନାନା ପ୍ରତିଶ୍ରୁତି ଦିଅନ୍ତି ଅର୍ଥାତ୍ ସେମାନଙ୍କ ଦଳ ଶାସନକୁ ଆସିଲେ ଲୋକମାନଙ୍କ ପାଇଁ କ'ଣ କ'ଣ ସବୁ କରିବେ ସେ ନେଇ ଇସ୍ତାହାରରେ ଘୋଷଣାନାମା ଜାରି କରିଥାନ୍ତି। ଭାରତର ପ୍ରଧାନମନ୍ତ୍ରୀ କହିଛନ୍ତି ପୁରା ଭାରତ ମୋ ପରିବାର। ଇଆଡ଼େ ଓଡ଼ିଶାର ମୁଖ୍ୟମନ୍ତ୍ରୀ କହିଛନ୍ତି ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋ ପରିବାରର। ସବୁଠାରୁ ବଡ଼ କଥା ହେଉଛି ଦେଶବାସୀ ବା ରାଜ୍ୟ ବାସୀଙ୍କୁ ନିଜ ପରିବାର ବୋଲି କହିବା ଏକ ଛୋଟିଆ କଥା ନୁହେଁ କାରଣ ଏସବୁ ଭିତରେ ଜଣଙ୍କର ନିଜ ପରିବାର ଲୋକମାନଙ୍କ ପାଇଁ କେତେ ଯେ ଗୁରୁଦାୟିତ୍ୱ ରହିଛି ତାହା ଚିନ୍ତା କରିବାର ଦରକାର। ଆଜିର ସମୟକୁ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ସମାଜରେ ଅନେକ ଦୁଃଖଦ ଓ ସାମାଜିକ ବିଭ୍ରାଟର ମୂଳ କାରଣ ହେଉଛି ନିଶାସେବନ ବା ମଦ୍ୟପାନ ଯାହାକି ଘର ସଂସାର ଠାରୁ ନିଜ କର୍ମକ୍ଷେତ୍ର, ଦୁର୍ଘଟଣାରୁ ଠାରୁ ସଂସାର ଉଜାଡ଼ି ଦେଇଥାଏ ଏହି ଦୁଃଖଦ ବଦଗୁଣଟି। ତେବେ ଏସବୁକୁ ଆମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଜାଣିଛନ୍ତି। ତେବେ ବାସ୍ତବ କଥା ହେଉଛି ଯଦିଓ ଅନେକ ଯୁକ୍ତି କରନ୍ତି ମଦବିକ୍ରିରୁ ସରକାର ଅପର୍ଯ୍ୟାପ୍ତ ରାଜସ୍ୱ ପାଇଥାନ୍ତି ଯାହାକି ଲୋକମାନଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥାଏ କିନ୍ତୁ ଏହା କେତେ ଯେ ଘାତକ କ୍ଷତି କରିଥାଏ ତାହା ଅନେକ ଜାଣିନଥିବେ। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ନିର୍ବାଚନ ଇସ୍ତାହାରରେ ନିଶାମୁକ୍ତ ସମାଜ ବା ମଦମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରୟାସ କ'ଣ ପାଇଁ ହେଉନାହିଁ ?

ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ମଦମୁକ୍ତ ଦେଶ ବା ମଦମୁକ୍ତ ରାଜ୍ୟ ଗଠନର ପ୍ରତିବଦ୍ଧତା ତ କାଇଁ ନଜରରେ ପଡୁନି ? ମଦରୁ ରାଜସ୍ୱ ଆସୁଛି ବୋଲି ଯେ ଏହାକୁ ଖାଇ ଲୋକେ ଅସୁସ୍ଥ ହୁଅନ୍ତୁ, ନିଶାଗ୍ରସ୍ତ ହୁଅନ୍ତୁ, ଦୁର୍ଘଟଣାଗ୍ରସ୍ତ ହୁଅନ୍ତୁ ଏବଂ ଅପରାଧୀ ହୁଅନ୍ତୁ କିନ୍ତୁ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇପାରିବ ନାହିଁ। ଜନପ୍ରତିନିଧିମାନେ ସମଗ୍ର ଦେଶକୁ ଏବଂ ଦେଶବାସୀଙ୍କୁ ନିଜ ପରିବାର ବୋଲି କହିବାରେ ଏତେ ଛଳନା ରହିଛି ତାହା ବେଶ ଅନୁମାନ କରିହୁଏ। ସମଗ୍ର ଦେଶ ବା ରାଜ୍ୟକୁ ନିଜ ପରିବାର ବୋଲି ଭାବୁଥିବା ମୁଖିଆଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ପରିବାର ଲୋକମାନଙ୍କ ପାଇଁ ମଦ କିଭଳି ସହଜଲଭ୍ୟ ନହେଉ।

ସମଗ୍ର ଦେଶରେ ମଦ ବିକ୍ରି ଉପରେ ରୋକ ନ ଲାଗିଲେ ମଧ୍ୟ ରାଜ୍ୟ ଚାହିଁଲେ ନିଜ ରାଜ୍ୟରେ ଏହାକୁ ବାରଣ କରିପାରିବେ। କିନ୍ତୁ ଲୋକେ କାଳେ ନକଲି ବିଷାକ୍ତ ମଦ ପିଇ ଅସୁସ୍ଥ ହେବେ ଏଇ ନ୍ୟାୟରେ ଅସଲି ମଦ ଲୋକଙ୍କୁ ଯୋଗାଇ ଦେବା ଯେ କେତେ ଆଦର୍ଶଗତ ନିଷ୍ପତ୍ତି ଏକଥା ଯେକେହି କହିବେ। କଂଗ୍ରେସ ତାର ନିର୍ବାଚନ ଇସ୍ତାହାର ବା ଗ୍ୟାରେଣ୍ଟିରେ ଯେଉଁସବୁ ଘୋଷଣା କରିଛି ତା ଭିତରେ ରହିଛି ମଦମୁକ୍ତ ଗାଁକୁ ପୁରସ୍କାର। କିନ୍ତୁ ଯଦି ଥାଆନ୍ତା ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯିବାର ଘୋଷଣା ତାହେଲେ ସେମାନେ ଅନ୍ୟ ଦଳମାନଙ୍କ ଠାରୁ ଲୋକଙ୍କ ପାଇଁ ଯେ ଅଧିକ ଦରଦୀ ଏକଥା ବୁଝା ପଡ଼ନ୍ତା। ତଥାପି ନିଶାମୁକ୍ତ ଗାଁକୁ ପୁରସ୍କାର ମଧ୍ୟ ଏକ ଉତ୍ତମ ଘୋଷଣା।

ନିର୍ବାଚନ ସମୟରେ ମଦର ବନ୍ୟା ସହରଠୁ ଗାଁ ସବୁଆଡ଼େ ଜୋରଦାର ଦେଖାଦେଇଥାଏ। ଯୁବଗୋଷ୍ଠୀ ଓ ତଥାକଥିତ କୁଜି ନେତାମାନେ ଏହାକୁ ବଡ଼ ଅସ୍ତ୍ର କରିଥାନ୍ତି ଭୋଟ ଯୋଗାଡ଼ ପାଇଁ। ସାଧାରଣତଃ ଏହି ସମୟରେ ହିଁ ଅନେକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୁଏ ତେଣୁ ନିର୍ବାଚନରେ ମଦର ବଡ଼ ଭୂମିକା ରହୁଥିବାରୁ ମଦମୁକ୍ତ ଭାରତ, ମୁକ୍ତମୁକ୍ତ ଓଡ଼ିଶା ବା ମଦମୁକ୍ତ ସମାଜ ତିଆରି ପାଇଁ ଏବଂ ଏହାକୁ ନିର୍ବାଚନ ଇସ୍ତାହାରରେ ରଖାଯାଉ। ସମସ୍ତ ଦଳ ଯଦି ନିର୍ବାଚନ ଇସ୍ତାହାରରେ ଏହି ପ୍ରସଙ୍ଗଟିକୁ ଗୁରୁତ୍ୱ ଦିଅନ୍ତେ ତାହାହେଲେ ଏ ସମାଜର ପ୍ରଭୁତ ମଙ୍ଗଳ ସାଧନ ହୋଇପାରିବ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସ୍ତ୍ରୀକୁ ବାଡେଇ ବାଡେଇ ମାରିଲା ସ୍ୱାମୀ

କପ୍ତିପଦା, (ମହାଭାରତ): ପାରିବାରିକ କଳହ ର କରୁଣ ପରିଣତି । ସୈତାନ ସାଜିଲା ସ୍ୱାମୀ, ସ୍ତ୍ରୀ କୁ ବାଡେଇ ମାରିଲା । ବାଡେଇ ମାରିବା ପରେ ଘରେ କେହି ନ ଥିବାରୁ ସ୍ତ୍ରୀ ର ମୃତଦେହକୁ ଜଗି ବସିଲା । ପରିବାର ଲୋକେ ଆସିବା ପରେ ହୋଇଗଲା ଫେରାର । ଏଭଳି ଘଟଣା ଘଟିଛି ଉଦଳା ଥାନା ତେଲଦିହୁଡି ଗ୍ରାମରେ । ଶୁକ୍ରବାର ମଧ୍ୟାହ୍ନ ୩ ଟା ସମୟରେ ଖାଇବା ପରେ ଘଟିଛି ଏଭଳି ଘଟଣା । ସ୍ତ୍ରୀ ରଞ୍ଜିତା ମଲ୍ଲିକ ଘରେ ଥିବା ବେଳେ ସ୍ୱାମୀ ଚନ୍ଦ୍ରଶେଖର ମଲ୍ଲିକ ମଧ୍ୟାହ୍ନରେ ଘରକୁ ଆସିଥିଲେ । ଘରେ ପହଂଚିବା ପରେ କୌଣସି କଥା କୁ ନେଇ ଉଭୟ ଙ୍କ ମଧ୍ୟରେ ବଚସା ହୋଇଥିଲା । ବଚସା ଏତେ ଉଗ୍ର ରୂପ ନେଇଥିଲା ଯେ ସ୍ତ୍ରୀ କୁ ଏକ ବାଡ଼ିରେ ବାଡେଇ ବାଡେଇ ଅତି ନିର୍ମମ ଭାବେ ହତ୍ୟା କରିଲା ସ୍ୱାମୀ ଚନ୍ଦ୍ରଶେଖର । ହତ୍ୟା କରିବା ପରେ ସ୍ତ୍ରୀ ର ମୃତଦେହ କୁ ଜଗି ରହିଥିଲା ସ୍ୱାମୀ । ହେଲେ ଘରେ ଅନ୍ୟ ସଦସ୍ୟ ପହଂଚିବା ପରେ ସ୍ତ୍ରୀ ର ମୃତଦେହ କୁ ଛାଡି ଫେରାର ହୋଇଯାଇଛି ସ୍ୱାମୀ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଶେଷରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଶେଖର କୁ ଗିରଫ କରିଛି । ପୋଲିସ କେଶ ନମ୍ବର - ୪୫୬/୨୫ ରେ ମାମଲା ରୁଜୁ କରିଛି ।

## ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

କପ୍ତିପଦା, (ମହାଭାରତ) : କପ୍ତିପଦା - ସଦର କପ୍ତିପଦା ପଞ୍ଚାୟତ ର ମାଟିଆଳି ସାହିର ଯୁବକ ସୋନନଦୀକୁ ଗାଧୋଇବାକୁ ଯାଇ ପାଣିରେ ପଡି ମୃତ୍ୟୁ ହୋଇଛି ।ସୂଚନା ଅନୁଯାଇ ଉକ୍ତ ଗ୍ରାମର ବାଞ୍ଛାନିଧି ମିଶ୍ର ଙ୍କର ମଝିଆ ପୁଅ ଶ୍ରୀକାନ୍ତ ମିଶ୍ର (୪୫) ସୋନନଦୀକୁ ଗାଧୋଇବାକୁ ଯାଇ ପାଣିରେ ପଡିଯାଇଥିଲେ, ନଦୀକୁ ସେହି ଗ୍ରାମର ଜଣେ ଯୁବକ ଗାଧୋଇବାକୁ ଯାଇଥିବାବେଳେ ୫୦ ମିଟର ଦୂରରେ ଶ୍ରୀକାନ୍ତ ଭାସୁଥିବାର ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀମାନେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶ୍ରୀକାନ୍ତ କୁ ଉଦ୍ଧାର କରି ଉଦଳା ଡାକ୍ତରଖାନା କୁ ଚିକିତ୍ସା ପାଇଁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତକଙ୍କ ସାନଭାଇ ମିହିର କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ଥାନା ପକ୍ଷରୁ ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି । ଏହି ଘଟଣା ସମ୍ପର୍କରେ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୫୨/୨୫ ରେ ମୋକଦ୍ଦମା ରୁଜୁ କରିଛନ୍ତି ।

## ଇଟା ରେ ଛେଚି ଯୁବକଙ୍କୁ ହତ୍ୟା

କପ୍ତିପଦା, (ମହାଭାରତ) : କପ୍ତିପଦା - ଯୁବକଙ୍କୁ ଇଟାରେ ଛେଚି ନିର୍ମମ ହତ୍ୟା । ଖୁଣ୍ଟା ଥାନା ବଡ଼ଖୁଣ୍ଟା ଗ୍ରାମରେ ଘଟିଛି ଏଭଳି ଘଟଣା । ରାସ୍ତା ପାର୍ଶ୍ୱରେ ପଡିଛି ମୃତଦେହ । ଖୁଣ୍ଟା ଥାନା ଖପରାପାଳ ଗ୍ରାମର ଗଣେଷ ହେମ୍ବ୍ରମ ଗତକାଲି ଖୁଣ୍ଟା ସାପ୍ତାହିକ ହାଟ ଆସିଥିଲେ । ହେଲେ ହାଟରୁ ଆଉ ଘରକୁ ଫେରି ନ ଥିଲେ । ଆଜି ସକାଳୁ ସ୍ଥାନୀୟ ଲୋକେ ରାସ୍ତାରେ ଯିବା ସମୟରେ ବଡ଼ଖୁଣ୍ଟା ରାସ୍ତା ପାର୍ଶ୍ୱରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏ ନେଇ ପୋଲିସ କୁ ଖବର ଦେବା ପରେ ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏବଂ ଯୁବକଙ୍କ ମୁହଁ କୁ ଅତି ନିର୍ମମ ଭାବେ ଇଟାରେ ଛେଚି ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ କେଉଁ କାରଣରୁ ହତ୍ୟାକାଣ୍ଡ ହୋଇଛି ତାହା ସ୍ପଷ୍ଟ ହୋଇ ନାହିଁ । ହେଲେ ମୃତଦେହ ପାଖରେ ଗାଡି ଚାବି ପଡ଼ିଥିବା ବେଳେ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମର ସହାୟତା ଲୋଡ଼ିଛି ପୋଲିସ । ତେବେ କିଏ ଏବଂ କଣ ପାଇଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଲା ତାହାର ତଦନ୍ତ ଚାଲିଛି ।

## ଅନୁଗୋଳ ଯୁବ ଉତ୍ସବ ଆୟୋଜିତ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ୨୦୨୫ ଆୟୋଜିତ ହୋଇଯାଇଛି । ପ୍ରଥମ ଦିବସର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତର , ସମ୍ମାନିତ ଅତିଥି ଭାବରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନୀଳାଚଳ ପଟେଲ ଯୋଗ ଦାନ କରି ଯୁବଶକ୍ତିକୁ ରାଷ୍ଟ୍ର ଶକ୍ତି ବୋଲି ସମ୍ବୋଧିତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ପ୍ରାଧ୍ୟାପିକା ସୁଜ୍ଞାନି ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ । ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅନୁଗୋଳର ସହକାରୀ ପ୍ରଫେସର ବନମାଳୀ ବାଗ ମଞ୍ଚ ପରିଚାଳନା କରିଥିଲେ । ଉଦଘାଟନୀ ମହୋତ୍ସବରେ ଜିଲ୍ଲାପାଳ ମହୋଦୟ ଯୋଗଦାନ କରି ଶିକ୍ଷାର୍ଥୀଙ୍କୁ ନିଜ ଯୁବଶକ୍ତିକୁ ଚିହ୍ନିବା ସହିତ ଦେଶ ଗଠନରେ ଅଗ୍ରଣୀ ଭୂମିକା ନେବାକୁ ଉତ୍ସାହିତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଡଃ ପଟେଲ ଶିକ୍ଷାର୍ଥୀ ଙ୍କୁ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଯୋଗଦାନ କରିବାକୁ ଆହ୍ୱାନ ରଖିଥିଲେ । ଅପରାହ୍ନରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରତିମୟ ଯୋଗଦାନ କରି ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଯୁବପିଢିଙ୍କ ମାଧ୍ୟମରେ ସଞ୍ଚାରିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ - ଲୋକ ନୃତ୍ୟ, କବିତା ଲିଖନ, ଗଳ୍ପ ଲିଖନ, ବକ୍ତୃତା, ଚିତ୍ରକଳା, ଓ ବିଜ୍ଞାନମେଳା ମାଧ୍ୟମରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଯୋଗ ଦେଇଥିଲେ । ଲୋକନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଆଠମଲ୍ଲିକ ବ୍ଲକ ରୁ ରାଧାକାନ୍ତ ମାଝୀ ଓ ତାଙ୍କ ସାଥୀ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ବେଳେ, କବିତା ଲିଖନ ରେ ସରକାରୀ ସ୍ୱୟଶାସିତ ମହାବିଦ୍ୟାଳୟ ଅନୁଗୋଳର ଅନ୍ୱେଷା ତ୍ରିପାଠୀ, ବକ୍ତୃତା ପ୍ରତିଯୋଗୀତାରେ ସ୍ମୃତିସ୍ମିତା ରାଉତ, ଗଳ୍ପ ଲିଖନରେ ଅନୁଗୋଳ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ଚିତ୍ରକଳା ରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ସୁଦିପ୍ତା ପ୍ରିୟଦର୍ଶିନୀ, ତଥା ବିଜ୍ଞାନ ମେଳାରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ପ୍ରିୟଙ୍କା ସାହୁ ରାଜ୍ୟକୁ ମନୋନୀତ ହୋଇଛନ୍ତି । ଅପରାହ୍ନରେ ସମସ୍ତ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା ।

## ଇଣ୍ଡୋରରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇଣ୍ଡୋର ମଇଦାନରେ ସାଂସଦ ଖେଳ ମହୋତ୍ସବ ଉତ୍ସାହପୂର୍ଣ୍ଣ ପରିବେଶରେ ଆରମ୍ଭ ହୋଇଛି । ଉଦଘାଟନୀ ଅବସରରେ ଏନ୍ ?ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ ବିଶେଷ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସାଂସଦ ଙ୍କ ଏନ୍ ?ଏସି ପ୍ରତିନିଧି ଅଞ୍ଜନ ଦାସ ଏବଂ ବ୍ଲକ ପ୍ରତିନିଧି କିଶୋର ଦଳବେହେରା, ଏନ ଏ ସି ମଣ୍ଡଳ ସଭାପତି ମନୋଜ ସାହୁ ମଧ୍ୟ ଉପସ୍ଥିତ ରହି ସଂଯୁକ୍ତଭାବେ ମହୋତ୍ସବର ଉଦଘାଟନ କରିବା ସହିତ ସଂଯୋଜକ ସୋମ୍ୟ ରଞ୍ଜନ ରଥ ସଂଯୋଜନା କରିଥିଲେ ।ଏହି ଖେଳ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଯୁବମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ଉନ୍ନତ କରିବା ସହିତ ପ୍ରତିଭା ଉଦ୍ଭାସନର ଲକ୍ଷ୍ୟ ରଖାଯାଇଛି ।

## ଅଲିଭ ରିଡଲେ ଦମ୍ପତିଙ୍କ ପ୍ରଜନନ, ସୁରକ୍ଷା ବ୍ୟବସ୍ଥା ବାଟବଣା



ଅସ୍ତରଙ୍ଗ, (ମହାଭାରତ): ଆମର ଅତିଥି ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ୍ ରିଡଲେଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଛି ।ଗଭୀର ସମୁଦ୍ର ଭିତରେ ମିଳନ ରତ ହଜାର ହଜାର ଅଲିଭ ରିଡିଲେ କଇଁଛ ।ଏହି ପରିପେକ୍ଷୀରେ ସେମାନଙ୍କ ମିଳନ ଓ ଗଣ ଅଣ୍ଡାଦାନ ପାଇଁ ଓଡିଶା ଉପକୂଳରେ ଯନ୍ତ୍ରାଚଳିତ ଡ଼ଙ୍ଗା ରେ ମାଛଧରା ଉପରେ ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୧୯୮୨ ଓମଫ୍ରା ଆଇନ ଅନୁଯାୟୀ ନଭେମ୍ବର ୧ ତାରିଖରୁ ମେ ପହିଲା ପର୍ଯ୍ୟନ୍ତ ୭ ମାସ ଧରି କଟକଣା ଜାରି କରାଯାଇଛି । ଏହା ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପ୍ରାୟ ୨୫ ହଜାର ମତ୍ସଜୀବୀଙ୍କ ସହିତ ପୁରୀ ଜିଲ୍ଲାର ୩ ଲକ୍ଷରୁ ଉର୍ଦ୍ଧ୍ୱ ପାରମ୍ପରିକ ତଥା ଅଣ ପାରମ୍ପରିକ ମତ୍ସଜୀବୀ ମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ହରାଉଛନ୍ତି । ଅଲିଭ ରିଡ଼ଲେ ଙ୍କ ସୁରକ୍ଷା ପାଇଁ ସାତ ମାସ ଧରି ସମୁଦ୍ର କୂଳରୁ ୨୦ କି. ମି ସାମୁଦ୍ରିକ ଜଳ ସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ଯନ୍ତ୍ରଚାଳିତ ଟ୍ରଲର ଓ ଡଙ୍ଗା ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ଅଲିଭ୍ ରିଡଲେଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ମତ୍ସଜୀବୀ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଜାରୀ ହୋଇଥିବା ନିର୍ଦ୍ଦେଶ ଅନୁସାରେ ଯନ୍ତ୍ର ଚାଳିତ ଡ଼ଙ୍ଗା ରେ ମାଛ ଧରୁଥିବା ସମସ୍ତ ମାଛଧରା ଡଙ୍ଗା, ଟାପା ଓ ଟ୍ରଲର ଚଳାଚଳକୁ ଏହି ସାମୁଦ୍ରିକ ଜଳସୀମା ମଧ୍ୟରେ ପ୍ରବେଶ ନିଷେଧ କରାଯାଇଛି । ଏଥି ସହିତ କଇଁଛ ସୁରକ୍ଷା ପାଇଁ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ରାଜ୍ୟ ପୁଲିସ୍ ଓ ତଟରକ୍ଷୀ ବାହିନୀକୁ ପ୍ରଭୂତ କ୍ଷମତା ଦିଆଯାଇଛି । ସୁଦୂର କୋଷ୍ଟାରିକାରୁ ୪୦ ହଜାର କିଲୋମିଟର ଜଳପଥ ଅତିକ୍ରମ କରି ଆମ ରାଜ୍ୟ ଉପକୂଳକୁ ଗଣ ଅଣ୍ଡାଦାନ ପାଇଁ ଏହି ବିରଳ ପ୍ରଜାତିର କଇଁଛ ପ୍ରତିବର୍ଷ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ଅସ୍ତରଙ୍ଗ ଦେବୀ ମୁହାଣରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ଅସ୍ତରଙ୍ଗ ବନାଞ୍ଚଳ ପକ୍ଷରୁ ସ୍ଥାନେ ସ୍ଥାନେ ଅସ୍ଥାୟୀ କଇଁଛ ସୁରକ୍ଷା ଶିବିର ନିର୍ମାଣ କରାଯାଇଛି । ଏହା ସହିତ ଅସ୍ତରଙ୍ଗ ବନାଞ୍ଚଳ ପକ୍ଷରୁ କଇଁଛ ସୁରକ୍ଷା ପାଇଁ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ସମୁଦ୍ର ବେଳାଭୂମିରେ ସାମୁଦ୍ରିକ ଜଳସୀମା ଉପରେ ତୀକ୍ଷ୍ଣ ନଜର ରଖା ଯାଉଥିବା ବେଳେ ବେଆଇନ ଭାବରେ ମାଳ ମାଳ ଟ୍ରଲର ସମୁଦ୍ର ଭିତରେ ମାଛ ଧରୁଥିବା ନଜର କୁ ଆସୁଚି ଯେମିତି ଲାଗୁଚି କଟକଣା ଏଠି ବାଟବଣା ହୋଇଯାଇଛି । ଏଠାରେ ସୂଚନା ଥାଉ କି ବିଶ୍ୱର ୫ଟି ପ୍ରସିଦ୍ଧ ସ୍ଥାନ ମଧ୍ୟରୁ ଅଲିଭ୍ ରିଡଲେଙ୍କ ଗଣ ଅଣ୍ଡା ଦାନ ପାଇଁ ଅସ୍ତରଙ୍ଗ ସାମୁଦ୍ରିକ ବେଳାଭୂମି ତୃତୀୟ ସ୍ଥାନ ଅଧିକାର ଥିବାରୁ ଗତ ବର୍ଷ ଅସ୍ତରଙ୍ଗ ବନଖଣ୍ଡ ଅଧିନ ରେ ଥିବା ୫ ଟି ହାଚେରୀ ରେ ବର୍ଷ କୁ ବର୍ଷ ଅଣ୍ଡା ଦାନ ପରିମାଣ କମି କମି ଯାଉଥିବା ଦେଖିବାକୁ ମିଳୁଚି ।, ଚଳିତ ବର୍ଷ କଇଁଛ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଆଇନ୍ ଉଲଙ୍ଘନକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ରେ ଦାବି ହେଉଚି ।

## କଳିଙ୍ଗନଗର ରାଜରାସ୍ତାରେ ଠାର ମାରି ହେଉଛି ଯାତାୟତ



ଦାନଗର୍ଦି/କଳିଙ୍ଗନଗର (ମହାଭାରତ): ମାତ୍ରାଧିକ ପ୍ରଦୂଷଣ ର ଶିକାର ରେ କଳିଙ୍ଗନଗର ବାସୀ ଙ୍କ ଜୀବନ ରେଖା ବାଜିରେ ଲାଗିଛି ।କଳିଙ୍ଗନଗର ଶିଳ୍ପନଗରୀରେ ର କରୁଣ କାହାଣୀ ବାସ୍ତବିକ ସ୍ୱତନ୍ତ୍ର ସ୍ଥାନ ପାଇବାକୁ ବସିଛି ଯାହା ପ୍ରଦୂଷଣର ବଳୟ ରେ ଅଣନିଶ୍ୱାସି ଅଞ୍ଚଳବାସୀ । କଳିଙ୍ଗନଗର ଶିଳ୍ପନଗରୀ ବୋଲାଉଥିବା କଳିଙ୍ଗନଗର ଅଞ୍ଚଳ ବର୍ତ୍ତମାନ୍ ପ୍ରଦୂଷଣର ବିଷ ବଳୟରେ ବୁଡି ଯାଇଛି । କୋଡ଼ିଏରୁ ଉର୍ଦ୍ଧ୍ୱ କାରଖାନା କଳିଙ୍ଗନଗର ରେ କଡ଼ିଉଥିବାସହ ଶିଳ୍ପନଗରି ର ମାନ୍ୟତା ପାଇଛି ହେଲେ କଳିଙ୍ଗନଗର ରେ ବସବାସ କରୁଥିବା ଜନସାଧାରଣ ପ୍ରତ୍ୟେକ ଟି ମୁହୂର୍ତ୍ତକ ରେ ଅଣନିଶ୍ୱାସି ହୋଇପଡ଼ିଛନ୍ତି । ବାୟୁମଣ୍ଡଳ ପ୍ରଦୂଷିତ ସହ ଅତ୍ୟଧିକ ମାତ୍ରାରେ ଗାଡ଼ି ମୋଟର ଯାତାୟତ ଏ ଅଞ୍ଚଳ ପ୍ରତ୍ୟେକ ଦିନ କୁ ଦିନ ସମସ୍ୟା ବଢ଼ାଉଛି । କଳିଙ୍ଗନଗର ଡୁବୁରୀ ଛକ ରୁ ଆରମ୍ଭ କରି ଦାନଗଦି ମିଲ୍ଲାରି ଛକ ରାସ୍ତା ରେ ଠାର ମାରି ଯାତାୟତ କରୁଛନ୍ତି ଜନସାଧାରଣ । ଅତ୍ୟଧିକ ମାତ୍ରାରେ ଧୂଳିକଣା ଲୋକଙ୍କ ଯାତାୟତ ରେ ବାଧାପ୍ରାପ୍ତ ଆଣୁଛି । ଜଳ ସିଞ୍ଚନ ନହେବା ଯୋଗୁଁ ରାସ୍ତା ରେ ଯିବା ଅସମ୍ଭବ ହୋଇପଡିଛି ।ଯାହା ଦୈନ୍ୟଦିନ ଯାତାୟତ କରୁଥିବା ସାଧାରଣ ଲୋକଙ୍କ ସହ କାରଖାନାକୁ ଯାଉଥିବା ଶ୍ରମିକ ମଧ୍ୟ ଏହାର ଶିକାର

## ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ଉଦଯାପନୀ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଶିକ୍ଷା ଅଧୀନରେ ଶୁକ୍ରବାର ଦିନ ଗଣିଆ ବ୍ଲକ ପି ଏମ ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୧ ତମ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଝୁନା ଜେନା, ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟ, ସାମ୍ମାନିତଅତିଥି ଭାବେ ଉପାଧକ୍ଷ ରାଜକିଶୋର ସାହୁ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା




ଅଧିକାରୀ ନିରୁପମା ମହାପାତ୍ର ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଜ୍ଞାନ କୌଶଳ କୁ ପାରଦର୍ଶିତା କରିବା ପାଇଁ ଶୁକ୍ରବାର ପୂର୍ବାହ୍ନ ରେ ଉଦ୍ଘାଟନୀ କାର୍ଯ୍ୟକ୍ରମ କରାଯାଇ ବିଜ୍ଞାନ ର ଅଗ୍ରଗତି ନିମନ୍ତେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପ ଗୁଡିକ ସମସ୍ତ ଅତିଥି ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା । ଅପରାହ୍ନ ରେ ପ୍ରର୍ଦଶୀ ଉର୍ଣ୍ଣତ ଜ୍ଞାନ କୌଶଳ ରେ ଭଲ ପ୍ରଦର୍ଶନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଜ୍ଞାନ ମେଳାରେ ମୋଟ ୧୨୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିବା ବେଳେ ସେଥିମଧ୍ୟରୁ ୧୭ ଜଣ କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ବିଭିନ୍ନ ପ୍ରକଳ୍ପ ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲା ମାନଙ୍କୁ ଅର୍ଥରାଶି, ମାନପତ୍ର, ଓ ସିଲ ପ୍ରଦାନ କରାଯାଇଥିଲା ଏବଂ ୧୭ ଜଣ ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମ କୁ ସାଙ୍ଗଠନିକ ସମ୍ପାଦିକା ଭାବେ ପି ଏମ ଶ୍ରୀ ସରକାରୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ନିହାର୍ବାଲକ୍ଷ ରାଉତ ସମ୍ପାଦନା କରିଥିଲେ ।

## ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର




ପାରାଦୀପ, (ମହାଭାରତ) : ନଭେମ୍ବର ମାସ ୨୭ ତାରିଖ ଦିନ କ୍ରମାଗତ ଭାବେ ନବମ ଥର ପାଇଁ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଯେଉଁ ସମୟରେ ୧୦୦ଏମଏମଟି ପଣ୍ୟ କାରବାର କରିଥିଲା ତାହାର ୧୨ ଦିନ ପୂର୍ବରୁ ଚଳିତ ବର୍ଷ ୧୦୦ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଗତ ବର୍ଷ ଡିସେମ୍ବର ମାସ ୯ ତାରିଖ ଦିନ ପାରାଦୀପ ବନ୍ଦର ୧୦୦ଏମଏମଟି ପଣ୍ୟ କାରବାର କରିଥିଲା । ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଅନେକ ବାଧାବିଘ୍ନକୁ ସାମ୍ନା କରି ନୂଆ କି□ମାନ ସ୍ଥାପନ କରିଛି । ଏଥି ପାଇଁ ବନ୍ଦର ବ୍ୟବହାରକାରୀଙ୍କ ଭୂମିକାକୁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପ୍ରଶଂସା କରିଛନ୍ତି । ଶୁକ୍ରବାର ଦିନ ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ଶ୍ରୀ ହରନାଦ କହିଛନ୍ତି ଏହି ସମୟ ମଧ୍ୟରେ ବନ୍ଦର ଥର୍ମାଲ କୋଇଲା, ଜିପସମ୍, ପିଓଏଲ, ଷ୍ଟିଲ୍ କାର୍ଗୋ ପରିବହନ ବୃଦ୍ଧି ହୋଇଥିବାରୁ ଏହି ସଫଳତା ହାସଲ ହୋଇପାରିଛି । ବନ୍ଦର ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନେଓାଲଙ୍କ ପ୍ରେରଣା ଓ ଦୃଢ ନେତୃତ୍ୱ ପାରାଦୀପ ବନ୍ଦରକୁ ସଫଳତାର ଶୀର୍ଷରେ ପହଂଚିବା ପାଇଁ ଉତ୍ସାହ ଦେଇଛି । ଏହି ସଫଳତାର ଶ୍ରେୟ ସମସ୍ତ ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଷ୍ଟିମ ସିପ୍ ଏଜେ□, ଟ୍ରେଡ୍ ୟୁନିୟନ୍, ପିପିପି ଅପରେଟର, ବନ୍ଦର ଅଧିକାରୀ, କର୍ମଚାରୀଙ୍କୁ ହିଁ ଯିବ ସେମାନଙ୍କ ନିଷ୍ଠାପରତା ଯୋଗୁଁ ପାରାଦୀପ ବନ୍ଦର ଏହି ସଫଳତା ହାସଲ କରି ପାରିଛି । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ଟ୍ରାଫିକ୍ ମ୍ୟାନେଜର ଜି. ଏଡିସନ୍ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କେକ୍ କାଟି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର ଏବଂ ସଚେତନତା ରଥ



ନବରଙ୍ଗପୁର, (ମହାଭାରତ) : ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନଯାୟୀ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲା ସ୍ତରୀୟ ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହତା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଅଧ୍ୟକ୍ଷତା କରି କହିଲେ ଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି, ସମାଜରେ ପ୍ରତ୍ୟେକ ଶିଶୁକୁ ଏକ ପରିବାର ଦରକାର । ଶିଶୁଟିର ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ କରାଗଲେ ଶିଶୁଟି ସୁରକ୍ଷିତ ହୋଇ ରହିପାରିବ ଏଥି ସହିତ ଜିଲ୍ଲାରେ କିଭଳି ଆଇନ ବିରୋଧୀ ପୋଷ୍ୟ ସନ୍ତାନ ଗ୍ରହଣ ନହେବ ସେଥିପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ ସମିତି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବିଡିଓ, ସିଡିପିଓ, ଅଙ୍ଗନବାଡି, ଆଶାକର୍ମୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଯେଉଁଶିଶୁମାନେ ପିତା ମାତା ବ୍ୟତୀତ ଅନ୍ୟମାନଙ୍କ ପାଖରେ ରହୁଛନ୍ତି,ସେମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜିର କରାଇବାକୁ ପଡିବ ନଚେତ ଏହା ଅବୈଧ ଘୋଷଣା କରି ଶିଶୁକୁ ସରକାରଙ୍କ ଅଧୀନକୁ ନିଆଯିବ ବୋଲି ଜିଲ୍ଲାପାଳ ସୁଚାଇ ଦେଇଥିଲେ । ଏହାସହ ସମସ୍ତ କ୍ଷେତ୍ର କର୍ମଚାରୀ ସର୍ଭେ କରି ଏକ ତାଲିକା ଜିଲ୍ଲାପାଳଙ୍କୁ ଅତିଶୀଘ୍ର ପ୍ରଦାନ କରିବେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡି ଏସ ପି ସରୋଜ ପୁନମ କିସପଟା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ମଳୟ କୁମାର ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ନିଯୋଜନ ଅଧିକାରୀ ଆନନ୍ଦ ପଲେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୁରକ୍ଷା ୟୁନିଟର କର୍ମକର୍ତ୍ତା, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ର ମ୍ୟାନେଜର ସାଗର ପଟ୍ଟନାୟକ, ଓ୍ୱାନ୍ ଷ୍ଟପ ସେଣ୍ଟର ର କର୍ମକର୍ତ୍ତା, ଶିଶୁ ସୁରକ୍ଷା ସହାୟତା କେନ୍ଦ୍ରର କର୍ମକର୍ତ୍ତା, ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଜେଣ୍ଡର କୋଡିନେଟୋର ମମତା ପରିଛା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ । ଏହି ଅବସରରେ ସକାଳ ୧୦.୦୦ ଘ ସମୟରେ ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ପୋଷ୍ୟ ସନ୍ତାନ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।ଏହି ରଥ ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ ଟି ବ୍ଲକରେ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବାର୍ତ୍ତା ପ୍ରେରଣ କରିବେ ।ସଚେତନତା ହିଁ ଦେବ ଶିଶୁଙ୍କୁ ସୁରକ୍ଷା, ଆଇନଗତ ପୋଷ୍ୟସନ୍ତାନ ଗ୍ରହଣ , ଶିଶୁଙ୍କୁ ଚେଙ୍କ ନଦେବା, ବାଲ୍ୟବିବାହ ନିଷେଧ , ଶିଶୁ ଅପରାଧ ନିରାକରଣ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବ । ସଚେତନତା ଅଭାବରୁ ବାଲ୍ୟ ବିବାହ ଭଳି କଳଙ୍କିତ ପ୍ରଥା ସମାଜରେ ରହିଛି । ଏହା ଦ୍ୱାରା ଶିଶୁ ମାନେ ନିଜ ମୌଳିକତା ହରାଉଛନ୍ତି । ପିତାମାତା ମାନେ ପରମ୍ପରା ନାମରେ ନାବାଳିକା ମାନଙ୍କୁ କମ ବୟସରେ ବିବାହ ବନ୍ଧନରେ ଛନ୍ଦି ଦେଉଛନ୍ତି । ପାଠ ପଢିବା ବୟସରେ ଘରସଂସାରରେ ଛନ୍ଦି ହୋଇ, ନିଜ ଅଧିକାର ରୁ ବଞ୍ଚିତ ହେବା ସହିତ ବିବାହ ଯୋଗ୍ୟ ବୟସ ପୂର୍ବରୁ ମାତୃତ୍ୱ ଲାଭ କରୁଛନ୍ତି । ସମାଜରେ ଚାଲିଥିବା ଶିଶୁ ହିଂସାକୁ ରୋକିବା , ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ପୋଷ୍ୟସନ୍ତାନ ଗ୍ରହଣ କରିବା , ଶିଶୁଙ୍କ ସୁରକ୍ଷା ଓ ଅଧିକାର ଏବଂ ଶିକ୍ଷା ଦିଗରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟ ରେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ଜିଲ୍ଲାର ସମସ୍ତ ବ୍ଲକରେ ଯେଉଁ ସବୁ ଗ୍ରାମ ଗୁଡିକରେ ସଚେତନ ରଥ ପହଞ୍ଚିବ ସେଠାରେ ଆଶା କର୍ମୀ ,ସ୍ୱୟଂସହାୟକ ଦଳର ଜଣେ ସଭ୍ୟା ,ନିର୍ବାଚିତ ପଞ୍ଚାୟତ ପ୍ରତିନିଧି , ସମସ୍ତ ଜାତିସମାଜ ମୁଖ୍ୟ , କିଶୋରୀ ବାଳିକା ଓ ଗ୍ରାମର ଅନ୍ୟ ବ୍ୟକ୍ତି ମାନଙ୍କୁ ନେଇ ଅଙ୍ଗନବାଡି କର୍ମୀ ମାନେ ଶିଶୁଙ୍କୁ ଚେଙ୍କନଦେବା , ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ପୋଷ୍ୟସନ୍ତାନ, ଶିଶୁଙ୍କ ସୁରକ୍ଷା ଓ ଅଧିକାର ଏବଂ ଶିକ୍ଷା ଦିଗରେ ଏକ ସାଧାରଣ ସଚେତନ ବୈଠକ କରାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ଅଙ୍ଗନବାଡି କର୍ମୀ ଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିବା ବିଷୟରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା କାର୍ଯ୍ୟାଳୟ ପରିସର ମଧ୍ୟରେ ହୋଇଥିବା ଏହି ସଚେତନତା ରଥର ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ , ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟି ତରଫରୁ ତୃପ୍ତିମୟୀ ସାହୁ ଅଣ ଅନୁଷ୍ଠାନିକ ସୁରକ୍ଷା ଅଧିକାରିଣୀ, କୁନିମାନି ସ୍ୱାଇଁ, ଜିଲ୍ଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ର ପରିଚାଳକ ଶ୍ରୀ ସାଗର ପଟ୍ଟନାୟକ ଓ ଦୀନ ଦୟାଳ ବାଳଶ୍ରମର ଅନ୍ତେବାସୀ , ଶିଶୁ କଲ୍ୟାଣ ଅଧିକାରିଣୀ ଜଶ୍ମୀତା ନାୟକ ଓ ପ୍ରିୟା ସାହୁ , ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭାରତ ଲୀଳା ଗୁରୁ ହରିକୃଷ୍ଣ ବିଶ୍ୱାଳଙ୍କୁ ସମ୍ମାନଜନକ ପୁରସ୍କୃତ



ଗଜପତି(ମହାଭାରତ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କଳାକାରଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନକୁ ଆଧାର କରି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥାଏ । ଏହି ବର୍ଷ ଲୋକନାଟ୍ୟ ନିମନ୍ତେ ଗୋଷାଣୀ ବ୍ଲକର ବଡ଼ଗାଁ ନିବାସୀ ଭାରତ ଲୀଳା ଗୁରୁ ଶ୍ରୀଯୁକ୍ତ ହରିକୃଷ୍ଣ ବିଶ୍ୱାଳ ଙ୍କୁ ସମ୍ମାନଜନକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଅଛି ।ଏହି ପୁରସ୍କାର ସମାରୋହ ରେ ମାନ୍ୟବର ମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶ୍ରୀ ସୁରଜ ସୂର୍ଯ୍ୟବଂଶୀ ଉପସ୍ଥିତି ଥିଲେ,ବିଭାଗୀୟ ମୁଖ୍ୟ ଅଧିକାରୀ ଶ୍ରୀଯୁକ୍ତ ବିଜୟ କେତନ ଉପାଧ୍ୟାୟ,ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ.ଚନ୍ଦ୍ର ଶେଖର ହୋତା ଏବଂ ରାଜ୍ୟ ର ପ୍ରତିଷ୍ଠିତ ଚିତ୍ର ତାରକାଙ୍କ ସହ କଳାକାରଙ୍କ ଉପସ୍ଥିତି ରେ ଭଞ୍ଜକଳା ମଣ୍ଡପ ଠାରେ ପ୍ରଦାନ କରାଯାଇଅଛି ।ଏହି ଖବର ପ୍ରଚାରିତ ହେବା ପରେ ଆମ ଜିଲ୍ଲାର ସାହିତ୍ୟ ଏକାଡେମି ସଦସ୍ୟ ଶ୍ରୀ ରଘୁନାଥ ପାତ୍ର ଏବଂ ଜିଲ୍ଲା ସଂସ୍କୃତି ପରିଷଦ ର ସମସ୍ତ ସଦସ୍ୟ ଖୁସି ବ୍ୟକ୍ତ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଉଦଳା ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଉଦଯାପିତ



ଉଦଳା (ମହାଭାରତ ): ଉଦଳାବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ର ଉଦଯାପନୀ ଉତ୍ସବରେ ଉଦଳା ବ୍ଲକ ର ବିଇଓ ଦୀପକ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏ ଦିଗରେ ମୁଖ୍ୟ ଅତିଥି ଭାବେ ନଗରପାଳିକା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଭାବରେ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ପ୍ରଫେସର ମନୋରଂଜନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ସୁଧାଂଶୁ ଶେଖର ଚୌଧୁରୀ, ଶିକ୍ଷକ ପ୍ରଶିକ୍ଷକ ଡକ୍ଟର ପ୍ରିୟ ରଂଜନ ଦାସ, ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତିଶ କୁମାର ଘୋଷ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତି ମଞ୍ଜରୀ ପଣ୍ଡା ଓ ସଂନ୍ଧ୍ୟାରାଣି ବାରିକ ପ୍ରମୁଖ ମଞ୍ଚାସିନ ଥାଇ ବାଳ ବୈଜ୍ଞାନିକ ମାନଙ୍କୁ ଉଦବୋଧନ ଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀ ର ୭ ଟି ବିଭାଗ ରେ ୮୩ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୭ ଟି ବିଭାଗ ର ସଫଳତାଲାଭ କରିଥିବା ୨୧ ଟି ପ୍ରକଳ୍ପ ତଥା ବକୃତା, କୁଇଜ୍,କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଜ୍ଞାନ ପ୍ରଦର୍ଶନୀ ର କୃତିତ୍ୱ ହାସଲ କରିଥିବା ପିଲା ମାନେ ହେଲେ ଲେନିସା ଲେଖା ଶ୍ରୀ ଟୁଡୁ ,ସମିକ୍ଷା ବିନ୍ଧାଣି , ଅନୀଲ ପାତ୍ର,ଭାଇନା ମୁର୍ମୁ ,ଭଦ୍ରା ଭୈରବି ହେମ୍ବ୍ରମ, ଶାଶ୍ୱତୀ ବିଶ୍ୱାଳ,ସୁନାରାମ ମୁର୍ମୁ, ସତ୍ୟରଞ୍ଜନ ସାହୁ,କ୍ଷୀରାବ୍ଧୀ ତନୟା ବେହେରା,ନବ୍ୟା ନନ୍ଦିତା ସିଂପମୁଖ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଛି।

## ଶିକ୍ଷାରେ ସମାନ ଅଧିକାର ପାଇଁ ବିଧାନସଭାରେ ଦାବି କଲେ ଲକ୍ଷ୍ମୀପୁର ବିଧାୟକ



ଲକ୍ଷ୍ମୀପୁର(ମହାଭାରତ): ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସମତା ଏବଂ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଆଜି ବିଧାନସଭାରେ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କଲେ। ସେ କହିଲେ, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ସ୍ଥାପନ କରାଯିବା ଅତ୍ୟାବଶ୍ୟକ, ଯେପରିକି ଗ୍ରାମ ଅଞ୍ଚଳର ଛାତ୍ରଛାତ୍ରୀମାନେ ଦୂର ଅଞ୍ଚଳକୁ ଯାଇ ପଢ଼ିବାକୁ ବାଧ୍ୟ ହେବେ ନାହିଁ । ତାଙ୍କ ଦାବି ଅନୁଯାୟୀ, ରାଜ୍ୟର ସମସ୍ତ ବ୍ଲକ ଗ୍ରାମ ବା ଅନୁଦାନିତ ବିଦ୍ୟାଳୟଗୁଡ଼ିକୁ ସରକାର ଦ୍ୱାରା ପୂରାପୁରି ଅଧୀନତାରେ ନେଇ, ସରକାରୀ ବିଦ୍ୟାଳୟରେ ମିଳୁଥିବା ସମସ୍ତ ସୁବିଧା - ଶିକ୍ଷକ ନିଯୁକ୍ତି, ପାଠ୍ୟସାମଗ୍ରୀ, ସ୍ମାର୍ଟ କ୍ଲାସ୍, ସ୍ପୋର୍ଟ୍ସ ଉପକରଣ, ଅବକାଠା ଉତ୍ତି ଓ ପାଣି-ବିଦ୍ୟୁତ ଯୋଗାଣ ଯୋଗୁ ନିଶ୍ଚିତ କରିବା ଦରକାର। ଏହି ଉପସ୍ଥାପନାକୁ ଆଜି ମହତ୍ପୂର୍ଣ୍ଣ ଓ ଲୋକାଭିମୁଖୀ ପ୍ରସ୍ତାବ ବୋଲି ସଭାରେ ଆଲୋଚନା ହେବା ସହ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀବାସୀ ଏହି ପଦକ୍ଷେପକୁ ଶିକ୍ଷାରେ ନୂତନ ଦିଗ ଓ ଯୁବପିଢ଼ୀ ପାଇଁ ସୁନାର ସଭ୍ୟତା ଭାବେ ଅଭିବ୍ୟକ୍ତ କରିଛନ୍ତି। ଲୋକମାନେ କହୁଛନ୍ତି -ଆମ ପୁରୁଣା ଦାବିକୁ ସବୁଠାରୁ ଜୋର ଭାବରେ ବିଧାନସଭାରେ ରଖିଥିବାରୁ ଧନ୍ୟବାଦ ଜଣାଇଛନ୍ତି ଲକ୍ଷ୍ମୀପୂର ବିଧାୟକ ସାଉଁନ୍ତା ଙ୍କୁ ଲକ୍ଷ୍ମୀପୂର ନିର୍ବାଚନ ମଣ୍ଡଳୀ ର ଜନ ସାଧାରଣ। ଏହା ଆମ ପିଲାମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ କରିବ ବୋଲି ଆଶା ରଖିଛନ୍ତି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିଧାୟକଙ୍କୁ ହୃଦୟପୂର୍ବକ ସାଧୁବାଦ ଜଣାଇବା ଏବଂ ଏହି ପ୍ରସ୍ତାବ ଶୀଘ୍ର କାର୍ଯ୍ୟରୂପ ନିବ ଭାବେ ଆଶା ବ୍ୟକ୍ତ କରାଯାଇଛି ।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ -୨୦୨୫ ଯୁବୋତ୍ସବ



ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃବ ସଂକଳ୍ପ -୨୦୨୫ ଯୁବୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା କ୍ରୀଡ଼ା ଅଧିକାରୀ ଶ୍ରୀ ତ୍ରିନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀମତୀ ନିର୍ମଳା ସେଠୀ, ଅଧକ୍ଷା ପୌରପରିଷଦ ପାରଳାଖେମୁଣ୍ଡି, ଡ଼.ମାୟାଧର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗଜପତି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି ପ୍ରମୁଖ ମଞ୍ଚାଶିନ ଥିଲେ। ଏହି ଯୁବସେବା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ନେତୃତ୍ୱ ବିକାଶ, ସମାଜସେବା, ପାରମ୍ପରିକ କଳାକାରମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବା ଏବଂ ଯୁବପିଢ଼ି ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅଭିନବ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ଉପସ୍ଥାପନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବା। ଏହି ଉତ୍ସବରେ ସମସ୍ତ ଯୁବକ ଯୁବତୀ ୧୫-୨୯ ବର୍ଷ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଆସିଥିବା ଶତାଧିକ ଯୁବଯୁବତୀ ଉତ୍ସାହଭରିତ ଭାବରେ ଅଂଶଗ୍ରହଣ କରିଥିଲେ। 'ବିକଶିତ ଭାରତ' ଗଢ଼ି ତୋଳିବାରେ ଯୁବଶକ୍ତିର ଭୂମିକା, ଡିଜିଟାଲ ସକ୍ଷମତା ନେଇ ସଚେତନତା କରାଯାଇଥିଲା। ଉକ୍ତ ଉତ୍ସବରେ ଯୁବମାନଙ୍କ ପାଇଁ କାହାଣୀ ଲିଖନ ପ୍ରତିଯୋଗିତା, କବିତା ଲିଖନ ,ବିଜ୍ଞାନ ପ୍ରଦର୍ଶନୀ ମେଳା , ଚିତ୍ର କଳା, ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହୋଇଯାଇଅଛି। ଆସନ୍ତା କାଲି ଲୋକ ନୃତ୍ୟ ଓ ଲୋକ ଗୀତ ସଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ। ସେହିପରି ଆସନ୍ତା କାଲି ସମସ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯିବ।

## ଜାତୀୟ ସମ୍ବିଧାନ ଦିବସ ପାଳିତ



ଗଜପତି(ମହାଭାରତ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହନେନାଗା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ପ୍ରମୁଖ ଉପସ୍ଥିତରେ ବିଭିନ୍ନ ବିଭାଗୀୟର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ସେହିପରି ଜିଲ୍ଲାପରିଷଦ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ରରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପୃଥ୍ୱୀରାଜ ମଣ୍ଡଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ,ଡି.ପି.ଏମ. ଆର.ଜି.ଏସ.ଏ. ଶ୍ରୀ ତପନ କୁମାର ବାହୁବଳେନ୍ଦ୍ର, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ଅର୍ଚ୍ଚନା କୁମାର ମଙ୍ଗରାଜ,ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା, ଶ୍ରୀ ମୁରଲୀଧର ପରିଚ୍ଛା ପ୍ରମୁଖ ମଞ୍ଚାସିନ ଥିଲେ । ଭାରତର ସମ୍ବିଧାନ ବିଶ୍ୱର ସର୍ବ ବୃହତ୍ତମ ସମ୍ବିଧାନ ଅଟେ। ଏହି ସମ୍ବିଧାନ କୁ ବାବାସାହେବ୍ ଡ଼.ବି.ଆର ଅମ୍ବେଦକରଙ୍କ ଦ୍ୱାରା ଲେଖା ଯାଇଥିବା କଥା ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଗଣ କହିଥିଲେ ।ସମ୍ବିଧାନ ହେଉଛି ଜାତି, ଧର୍ମ, ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି ପ୍ରକାଶ କରିଥିଲେ। ଏହି ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀମାନଙ୍କୁ ନେଇ କବିତା, ଚିତ୍ରାଙ୍କନ,ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀ ରଙ୍ଗୋଲିରେ ସୁଭଦ୍ରା ଭୂୟାଁ, ରାଜଶ୍ରୀ ସ୍ୱାଇଁ,ଲକ୍ଷ୍ମୀ ପ୍ରିୟା ରାଉତ, ଚିତ୍ରାଙ୍କନରେ ସ୍ୱର୍ଣ୍ଣ ଲକ୍ଷ୍ମୀ ବେହେରା, ସୁଧାଂଶୁ ଶେଖର ବିଷୋୟୀ,କବିତାରେ ସତ୍ୟ ବ୍ରତ ଜେନା,ସ୍ନେହା ବେହେରା,ସନ୍ଧ୍ୟା ରାଣୀ ପଣ୍ଡା ,ସୁନାନୀ ହର୍ଷ, ପ୍ରମୁଖ କୃତି ଛାତ୍ରଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପରେ ଦସ୍ତଖତ ଅଭିଯାନ ସହ ସମ୍ବିଧାନ ପ୍ରସ୍ତାବନା ଶପଥ ପାଠ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଳ ଓ ପରିମଳର ସଂଯୋଜକଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

## ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଡିସେମ୍ବର ୧୩ରେ ପାରଳାଖେମୁଣ୍ଡି, ରା. ଉଦୟଗିରି, ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ସ୍ତରୀୟ ମୋକଦ୍ଦମା ଓ ବିଚାରଧିନ ମକଦ୍ଦମା ଯଥା ଫୌଜଦାରୀ ( ସାଲିସ ଯୋଗ୍ୟ), ଚେକ ବାଉନସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ ( ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ,ଜମି ଅଧି ଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ। ଲୋକ ଅଦାଲତରେ ମକଦ୍ଦମା ଅବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତୟ ଦୀର୍ଘଦିନ ଧରି ଚାଲୁ ରହିଁଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।ସବିଶେଷ ବିବରଣୀ ନିମନ୍ତେ ନୂତନ କୋର୍ଟ ପରିସରରେ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପାରଳାଖେମୁଣ୍ଡି ଆର ଉଦୟଗିରି ଓ ମୋହନା କୋର୍ଟ ପରିସରରେ ଥିବା ତାଲୁକା ଆଇନ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ୪୦ ହାଇୱା ଜବତ, ୧୩.୨୬ ଲକ୍ଷ ଟଙ୍କା ଜରିମାନା ଆଦାୟ



ଆଠଗଡ(ମହାଭାରତ): କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ଅଞ୍ଚଳରେ ଲଘୁ ଖଣିଜ ସାମଗ୍ରୀର ବେଆଇନ ପରିବହନ ଉପରେ ଏକ ଚଢାଉ ଅଭିଯାନ କରାଯାଇଛି। ଗୁରୁବାର ରାତି ସାରା ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନେତୃତ୍ୱରେ ପରିବହନ ବିଭାଗ, ଖଣି ବିଭାଗ ଓ ପୁଲିସ ପକ୍ଷରୁ ଏହି ମିଳିତ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ବାଲି, ମାଙ୍କଡା ପଥର, ଚିପ୍ସ, କଳାମୁଗୁନି ପଥର, କ୍ରସର ଗୁଣ୍ଡ ଆଦି ପରିବହନ କରୁଥିବା ୪୦ଟି ୧୦ ଚକିଆ ଓ ୧୨ ଚକିଆ ହାଇୱା ଟ୍ରକ ଜବତ କରାଯାଇଥିଲା। ଆଠଗଡ ସହରର ଚନ୍ଦବାଲି ଛକ, ବୀରକିଶୋରପୁର ଛକ, ଖୁ□କଟା ତାରିଣୀ ଛକ ଓ ଅଂଶୁପା ରାସ୍ତାରୁ ଏହି ସବୁ ଟ୍ରକ ଜବତ କରାଯାଇଥିଲାୟ ଜବତ ସମସ୍ତ ଟ୍ରକ ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ରାସ୍ତା ଓ ମହୋତ୍ସବ ପଡିଆରେ ରଖାଯାଇଥିଲା। ଜବତ ଟ୍ରକଗୁଡିକ ମଧ୍ୟରୁ କ୍ଷମତାଠାରୁ ଅଧିକ ବୋଝେଇ କରିଥିବା ୨୯ଟି ଏବଂ ଗାଡିର ପରିବହନ କାଗଜପତ୍ର ଠିକ୍ ନ ଥିବା ୪ଟି ଗାଡିରୁ ପରିବହନ ବିଭାଗ ପକ୍ଷରୁ ମୋଟ ୧୩ ଲକ୍ଷ ୨୫ ହଜାର ୮୨୪ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥି ମଧ୍ୟରୁ ଗୋଟିଏ ପଥର ବୋଝେଇ ଟ୍ରକର ଲଘୁ ଖଣିଜ ସାମଗ୍ରୀର ମଧ କାଗଜପତ୍ର ନ ଥିବାରୁ ତାକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ବାକି ୭ଟି ଗାଡିର ସମସ୍ତ କାଗଜପତ୍ର ଠିକ୍ ଥିବାରୁ ସେଗୁଡିକୁ ଛାଡି ଦିଆଯାଇଛି ।ଗତ ବିଜେଡି ସରକାରର ଶେଷ ପର୍ଯ୍ୟାୟରେ ୨୦୨୩ ମସିହାରୁ ଲଘୁ ଖଣିଜ କାରବାର ରାଜସ୍ୱ ବିଭାଗ ହାତରୁ କାଢି ଖଣି ବିଭାଗକୁ ଦିଆଯିବା ପରେ ଏହିସବୁ ଭୂସମ୍ପଦର ଚୋରା ଚାଲାଣ ଲଗାମହୀନ ହୋଇଯାଇଛି। ଆଠଗଡ ସହର ଓ ବିଭିନ୍ନ ଗ୍ରାମା□ଳ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଚୋରା ବାଲି ଓ ମାଙ୍କଡା ପଥର ବୋଝେଇ ଟ୍ରକ ନିର୍ବିଘ୍ନରେ ଯାତାୟାତ କରୁଛି। ତେବେ ମଝିରେ ମଝିରେ କେବଳ ଧର୍ମକୁ ଆଖିଠାର ମାରିବା ଭଳି ଗୋଟେ ଦୁଇଟା ଟ୍ରକ ଜବତ କରାଯାଉଛି। ଏହି ଚଢାଉ ଚୋରା ଲଘୁ ଖଣିଜ ସାମଗ୍ରୀ ଚୋରା ଚାଲାଣରେ ଲିପ୍ତ ବ୍ୟକ୍ତିଙ୍କ ଉପରେ କୌଣସି ପ୍ରଭାବ ପକାଉନାହିଁ। ଗୁରୁବାର ରାତିରେ ଚଢାଉ ହୋଇଥିବାରୁ ଅଧିକ ସଂଖ୍ୟାରେ ଚୋରା ବାଲି ଓ ମାଙ୍କଡା ପଥର ବୋଝେଇ ଟ୍ରକ ବା ଟ୍ରାକ୍ଟର ଜବତ ହୋଇ ପାରିନାହିଁ। କାରଣ ବାଲି ଏବଂ ପଥର ବୋଝେଇ ଟ୍ରକ ଓ ଟ୍ରାକ୍ଟର ବିଶେଷ ଭାବେ ସକାଳୁ ସନ୍ଧ୍ୟା ମଧ୍ୟରେ ଚୋରା ଚାଲାଣ ହେଉଛି। ଜିଲ୍ଲାପାଳ ଏ ବିଷୟରେ ଅନୁଧ୍ୟାନ କରିବା ସହ ଦିନ ବେଳା ଏଭଳି ଚଢାଉ ଅଭିଯାନ କରିବାକୁ ପଦକ୍ଷେପ ନେବା ଲାଗି ଦାବି ହେଉଛି। ଗତକାଲି ରାତିରେ ଉପଜିଲ୍ଲାପାଳ ଶର୍ମାଙ୍କ ସହ ପରିବହନ ବିଭାଗ ଟ୍ରାଫିକ ନିରୀକ୍ଷକ ରଞ୍ଜନ କୁମାର ଦୋରା, ଖଣି ଅଧିକାରୀ ଓ ଆଠଗଡ ପୁଲିସ ଅଂଶଗ୍ରହଣ କରିଥିଲେ।

## ଏକତା ପଦଯାତ୍ରାରେ ସାମିଲ ହୋଇଥିବା ଇନଫ୍ଲୁଏନ୍ସରଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, (ମହାଭାରତ): ଏକତା ପଦଯାତ୍ରାରେ ନେଇ ଆଜି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଇନଫ୍ଲୁଏନ୍ସର ମାନଙ୍କର ଏକ ସମ୍ୱର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଯୋଗ ଦେଇ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ଓ ଡିଇଜିଏମ୍ ଶୁଭାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ ।ଜିଲ୍ଲା ସ୍ତରୀୟ ଏକତା ପଦଯାତ୍ରା ରେ ଭାଗ ନେଇଥିବା ଇନଫ୍ଲୁଏନ୍ସର ଶିବପ୍ରସାଦ ସରକାର, ଆର୍ ଜାନକୀ ପଟ୍ଟନାୟକ, ଦେବଦ□ ବେହେରା ଓ ହୃଷୀକେଶ ଚୌଧୁରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସୂଚନା ଥାଉ କି ଏହି ପଦଯାତ୍ରାରେ ଇନଫ୍ଲୁଏନ୍ସର ମାନେ ରିଲ୍ସ ପ୍ରସ୍ତୁତ କରି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ। ବର୍ତ୍ତମାନ ସମୟରେ ପ୍ରଚାର ପ୍ରସାର ପାଇଁ ଇନଫ୍ଲୁଏନ୍ସରଙ୍କ ଭୂମିକା ବହୁ ଗୁରୁତ୍ପୂର୍ଣ୍ଣ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କର୍ମଚାରୀ ଓ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ।



## ଏନ୍.ବି.ସି କଲେଜରେ ଯୁବ ରେଡ୍ କ୍ରସର ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର




ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାର ଭାରତୀୟ ଯୁବ ରେଡ୍ କ୍ରସ ରାଜ୍ୟସ୍ତରୀୟ ତ୍ରିଦିବସୀୟ ଗଞ୍ଜାମ ଯୁବ ରେଡ୍ କ୍ରସର ତ୍ରିଦିବସୀୟ ସ୍ୱେଚ୍ଛାସେବୀ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିରର କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି ତ୍ରୀଦିବସୀୟ ଆଲୋଚ୍ୟ ଶିବିରକୁ ଉଦ୍ଘାଟନ ଉତ୍ସବର ସଭାରେ ଅଧକ୍ଷତା କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଅମର ପ୍ରସାଦ ବିଷୋୟୀ । ଅଧକ୍ଷ ଶ୍ରୀ ବିଷୋୟୀ ଶିବିର ଆୟୋଜନର ଉଦ୍ଦେଶ୍ୟ ବିଷୟରେ ଅବଗତ କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସାଂପ୍ରତିକ ସମୟରେ ସେବାର ମହତ୍ କେତେ ରହିଛି,ସେବା କଲେ କିପରି ଆମକୁ ଆତ୍ମ ତୃପ୍ତି ମିଳେ ଏହି ବିଷୟରେ ମଧ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚାସୀନ ହୋଇଥିବା ଏବଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଲୋକ ସେବା ମଣ୍ଡଳ ନୂଆ ଦିଲ୍ଲୀର ସାଧାରଣ ସମ୍ପାଦକ ତଥା ସମାଜର ମୁଦ୍ରକ ଓ ପ୍ରକାଶକ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଜେନା। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଯୁବ ରେଡ୍ କ୍ରୋସ୍ ର ସଂଯୋଜକ ଶ୍ରୀ ଜଗଦୀଶ ଚନ୍ଦ୍ର ପାଲ। ଓଡ଼ିଶା ଯୁବ ରେଡ୍ କ୍ରସର ଭୀଷ୍ମ ପିତାମହ ଭାବରେ ପରିଚିତ ଏବଂ ଆ□ଳିକ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀ ଗୋବିନ୍ଦ ରାଓ ଯୋଗ ଦେଇ ବହୁ ଗୁରୁ ପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍ କ୍ରସର ସଂଯୋଜକ ଡକ୍ଟର କୁନା ସୁନା ମଧ ସେବା କାହିଁକି କରିବା , ସେବା କରିବାର ମହ□ କଣ ରହିଛି ଓ ଏହି ସେବା ଦ୍ୱାରା କିପରି ଆତ୍ମସନ୍ତୋଷ ମିଳେ , ସେ ବିଷୟରେ ସୂଚନା ପ୍ରଦାନ କରି ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ସମସ୍ତ ଅତିଥି ମାନଙ୍କ ବିଷୟରେ ମଧ ପରିଚୟ ପ୍ରଦାନ କରିଥିଲେ। ଆଲୋଚ୍ୟ ଶିବିର ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିବା ସହ ଆଗକୁ କିପରି ସ୍ୱେଚ୍ଛାସେବୀ ମାନେ ଅଂଶ ଗ୍ରହଣ କରିବେ ଅଧିକରୁ ଅଧିକ ଯୋଗ ଦେବେ , ସ୍ଵଚ୍ଛୋସେବୀ ମନୋଭାବ କିପରି ସୃଷ୍ଟି ହେବ ଆଦି ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ତିନି ଦିନର ଶିବିରରେ ବିଭିନ୍ନ ବିଷୟକୁ ନେଇ ଅଧିବେସନ ଅନୁଷ୍ଠିତ ହେବାର ଆୟୋଜନ କରାଯାଇଛି। ପ୍ରଥମଦିନରେ ଦୁଇଟି ଅଧିବେଶନ , ଦ୍ୱିତୀୟ ଦିନରେ ତିନୋଟି ଅଧିବେଶନ ଓ ତୃତୀୟ ଦିନରେ ତିନୋଟି ଅଧିବେଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ଦିନରେ ପ୍ରାଥମିକ ଚିକିତ୍ସା ବିଷୟରେ ଓ ରକ୍ତଦାନ କରିବା ନିମନ୍ତେ ଏକ ଉତ୍ସାହ, ପ୍ରେରଣା ସୃଷ୍ଟି ନିମନ୍ତେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଛି ।ଏହା ସହ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ସ୍ଵଚ୍ଛୋସେବୀ ମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଛି। ତ୍ରିଦିବସୀୟ ଯୁବ ରେଡ୍ କ୍ରସ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରାୟ ୪୩ ଗୋଟି ଅନୁଷ୍ଠାନର ଯୁବ ରେଡ୍ କ୍ରସ ସଂଯୋଜକ ଓ ପ୍ରାୟ ୨୨୦ ସ୍ୱେଚ୍ଛାସେବୀ ମାନଙ୍କ ନିମନ୍ତେ ପଞ୍ଜିକରଣ ବ୍ୟବସ୍ଥା , ଉତ୍ତମ ଜଳଖିଆ ବ୍ୟବସ୍ଥା , ଖାଦ୍ୟ ସେବନର ମଧ ବ୍ୟବସ୍ଥା କରାଯାଇଛି। ଶେଷରେ ମହାବିଦ୍ୟାଳୟର ଯୁବ ରେଡ୍ କ୍ରସର ସହ ସଂଯୋଜିକା ସୁଶ୍ରୀ ଶୁଭଶ୍ରୀ ସାହୁ ଆନୁଷ୍ଠାନିକ ଭାବେ ସମସ୍ତ ଅତିଥି , ସଂଯୋଜକ , ଅଧ୍ୟାପକ , ଅଧ୍ୟାପିକା ଓ ସମସ୍ତ ସ୍ଵଚ୍ଛୋସେବୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ଉପକୂଳମୁହାଁ ଦିତ୍ୱାହ: ୩୦ରେ ଲ୍ୟାଣ୍ଡଫଲ୍

ନୂଆଦିଲ୍ଲୀ: ସାମୁଦ୍ରିକ ବାତ୍ୟା 'ଦିତ୍ ?ୱାହ' ଶ୍ରୀଲଙ୍କାରେ ତାଣ୍ଡବ ରଚିବା ପରେ ଭାରତମୁହାଁ ହୋଇଛି । ନଭେମ୍ବର ୩୦ରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଶୁକ୍ରବାର ସକାଳେ 'ଦିତ୍‌ୱାହ' ଶ୍ରୀଲଙ୍କାର ପୂର୍ବ ଉପକୂଳରେ ଲ୍ୟାଣ୍ଡଫଲ୍ କରିଥିଲା । ବାତ୍ୟା ପ୍ରଭାବରେ ଗୁରୁବାରଠାରୁ ଶ୍ରୀଲଙ୍କାରେ ପ୍ରବଳ ବର୍ଷା ଓ ପବନ ଲାଗି ରହିବାରୁ ଅନେକ ଅଞ୍ଚଳରେ ବନ୍ୟା ଆସି ଓ ଭୂସ୍ଖଳନ ଘଟି ୫୬ ଜଣଙ୍କର ମୃତ୍ୟୁ ହୋଇଛି । ବାତ୍ୟା ଦିତ୍ ?ୱାହ ଏବେ ଦକ୍ଷିଣ-ଦକ୍ଷିଣପୂର୍ବ ପୁଡୁଚେରୀଠାରୁ ୪୪୦ କିମି ଦୂର ଓ ଚେନ୍ନାଇର ଦକ୍ଷିଣରେ ୫୪୦ କିମି ଦୂରରେ ରହିଛି । ତାମିଲନାଡୁର ୪ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଏବଂ ୫ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଭାରତ ଅପରେସନ ସାଗର ବନ୍ଧୁ ଅନ୍ତର୍ଗତ ଶ୍ରୀଲଙ୍କାକୁ ସହାୟତା ପଠାଇଛି । ଶ୍ରୀଲଙ୍କାରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ସମବେଦନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି,, ଭାରତ ଏହାର ନିକଟତମ ସାମୁଦ୍ରିକ ପଡ଼ୋଶୀ ପାଇଁ ଅପରେସନ ସାଗର ବନ୍ଧୁ ଅଧୀନରେ ତୁରନ୍ତ ରିଲିଫ୍ ସାମଗ୍ରୀ ପଠାଇଛି । ଭାରତ ଅତିରିକ୍ତ ସହାୟତା ଯୋଗାଇବାକୁ ପ୍ରସ୍ତୁତ ଅଛି । ଭାରତର ବିମାନ ବାହକ ଆଇଏନ୍‌ଏସ୍ ବିକ୍ରାନ୍ତକୁ ଶ୍ରୀଲଙ୍କାରେ ବନ୍ୟାଜନିତ ଉଦ୍ଧାରକାର୍ଯ୍ୟ ପାଇଁ ମୁତୟନ କରାଯାଇଛି । ବାତ୍ୟା ଦିତ୍ ୱାହ ଯୋଗୁଁ ପୂର୍ବ ତ୍ରିଙ୍କୋମାଲି ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ଶ୍ରୀଲଙ୍କା ଏହାର ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା କରିବା ପାଇଁ ଭାରତକୁ ଅନୁରୋଧ କରିଥିଲା ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।



## ଶ୍ରୀନଗରର ତାପମାତ୍ରା ବିଯୁକ୍ତ ୪.୫ ଡିଗ୍ରିକୁ ଖସିଲା



ଶ୍ରୀନଗର: ୨୦୦୭ ମସିହା ପରଠାରୁ ସବୁଠାରୁ ଥଣ୍ଡା ନଭେମ୍ବରରେ କାଶ୍ମୀରରେ ସର୍ବନିମ୍ନ ତାପମାତ୍ରା ଫ୍ରିଜିଂ ପଏଣ୍ଟ ତଳକୁ ଖସି ଆସିଛି ବୋଲି ଶୁକ୍ରବାର ଅଧିକାରୀମାନେ କହିଛନ୍ତି । ଶ୍ରୀନଗରରେ ଗତକାଲି ରାତିରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୪.୫ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି, ଯାହା ପୂର୍ବ ରାତିରେ ବିଯୁକ୍ତ ୪.୪ ଡିଗ୍ରି ସେଲସିୟସ୍ ଥିଲା । ଗତ କିଛି ଦିନ ମଧ୍ୟରେ ସହରରେ ରାତିର ତାପମାତ୍ରାରେ କ୍ରମାଗତ ହ୍ରାସ ଘଟିଛି । ଶ୍ରୀନଗରରେ ରାତିର ତାପମାତ୍ରା ଏହି ଋତୁରେ ସ୍ୱାଭାବିକଠାରୁ ଚାରି ଡିଗ୍ରି କମ୍ ଥିଲା ବୋଲି ସେମାନେ କହିଛନ୍ତି ।

ଅଧିକାରୀଙ୍କ କହିବା ଅନୁସାରେ, ଉପତ୍ୟକାର ଅନେକ ପାଣିପାଗ କେନ୍ଦ୍ରରେ ୨୦୦୭ ମସିହା ପରଠାରୁ ନଭେମ୍ବର ମାସରେ ସର୍ବନିମ୍ନ ରାତିର ତାପମାତ୍ରା ରେକର୍ଡ କରାଯାଇଛି । ୨୦୦୭ ମସିହା ନଭେମ୍ବର ୨୮ ତାରିଖରେ ଶ୍ରୀନଗରର ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୪.୮ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଥିଲା । ଦକ୍ଷିଣ କାଶ୍ମୀରର ପୁଲୱାମା ଜିଲ୍ଲାର କୋନିବାଲ ଗତକାଲି ରାତିରେ ଉପତ୍ୟକାର ସବୁଠାରୁ ଥଣ୍ଡା ସ୍ଥାନ ଥିଲା, ଯେଉଁଠାରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୬ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଥିଲା । ଉପତ୍ୟକାର ପ୍ରବେଶ ଦ୍ୱାର କାଜିଗୁଣ୍ଡ ସହରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୪.୪ ଡିଗ୍ରି ସେଲସିୟସ୍ ଏବଂ ଉତ୍ତର କାଶ୍ମୀରର କୁପୱାଡ଼ାରେ ବିଯୁକ୍ତ ୪.୮ ଡିଗ୍ରି ସେଲସିୟସ୍ ରହିଥିଲା । ଦକ୍ଷିଣ କାଶ୍ମୀରର କୋକେରନାଗରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୧.୮ ଡିଗ୍ରି ସେଲସିୟସ, ପହଲଗାମ ଟୁରିଷ୍ଟ ରିସର୍ଟରେ ବିଯୁକ୍ତ ୫.୫ ଡିଗ୍ରି ସେଲସିୟସ ଏବଂ ଗୁଲମାର୍ଗ ସ୍କି ରିସୋର୍ଟରେ ବିଯୁକ୍ତ ୧.୪ ଡିଗ୍ରି ସେଲସିୟସ୍ ଥିଲା । ଡିସେମ୍ବର ୧୦ ପର୍ଯ୍ୟନ୍ତ କାଶ୍ମୀରରେ ମୁଖ୍ୟତଃ ଶୁଖିଲା ପାଗ ରହିବ ଏବଂ ରାତିର ତାପମାତ୍ରାରେ ଆହୁରି ହ୍ରାସ ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

## ହ୍ୱାଇଟ ହାଉସ ନିକଟରେ ଗୁଳିକାଣ୍ଡ

ଆମେରିକା : ହ୍ୱାଇଟ ହାଉସ ନିକଟରେ ଫୁଟିଲା ଗୁଳି । ଥାର୍ଡ ୱାର୍ଲଡ କଣ୍ଟ୍ରିକୁ ଭୋଗିବାକୁ ପଡ଼ିପାରେ ପରିଣାମ । ଗତକାଲି ହ୍ୱାଇଟ ହାଉସ ନିକଟରେ ହୋଇଥିବା ଗୁଳିକାଣ୍ଡକୁ ନେଇ ଟ୍ରମ୍ପ ପ୍ରଶାସନ କଠୋର । ବଡ଼ ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି ଟ୍ରମ୍ପ । ଥାର୍ଡ ୱାର୍ଲଡ କଣ୍ଟ୍ରିକୁ ମନା ହୋଇପାରେ ଆମେରିକା । ଥାର୍ଡ ୱାର୍ଲ କଣ୍ଟ୍ରିରୁ ମାଇଗ୍ରେସନକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ବିଚାର କରୁଛନ୍ତି ଟ୍ରମ୍ପ । ହ୍ୱାଇଟ ହାଉସ ନିକଟରେ ଗୁଳିକାଣ୍ଡ କରିଥିବା ଅଭିଯୁକ୍ତ ଆଫଗାନିସ୍ତାନରୁ ୨୦୨୧ରେ ଶରଣାର୍ଥୀ ଭାବେ ଆସିଥିଲା । ଏହାକୁ ଦୃଷ୍ଟିରେ ରଖି ଥାର୍ଡ ୱାର୍ଲଡ କଣ୍ଟ୍ରିର ନାଗରିକଙ୍କୁ ଆମରିକାକୁ ସ୍ଥାୟୀ ଭାବେ ପ୍ରବେଶ ନିଷେଧ ପାଇଁ ବିଚାର କରୁଛନ୍ତି ଟ୍ରମ୍ପ । ସୂଚନାନୁଯାୟୀ, ଥାର୍ଡ ୱାର୍ଲଡ କଣ୍ଟ୍ରି ଭିତରେ ଆଫ୍ରିକା, ଏସିଆ, ଲାଟିନ ଆମେରିକା ଏବଂ ଓସେନିଆର କିଛି ଅଂଶ ରହୁଛି । ସେହିପରି ଆମେରିକାର ରହୁଥିବା ଆମେରିକାର ଅଣନାଗରିମାନଙ୍କୁ ସମସ୍ତ ପ୍ରକାର ଫେଡେରାଲ ଫାଇଦା ଏବଂ ରିହାତି ବନ୍ଦ କରାଯିବ ବୋଲି ଟ୍ରମ୍ପ ତାଙ୍କ ଟ୍ରୁଥ ସୋସିଆଲରେ ଘୋଷଣା କରିଛନ୍ତି । ଆମେରିକାକୁ ଯେଉଁମାନେ ଭଲ ପାଇପାରିବେନି ସେମାନଙ୍କୁ କୌଣସି ସରକାରୀ ସୁବିଧା ପ୍ରଦାନ କରାଯିବ ନାହିଁ ।

## ଜାତିସଂଘର ଜନବହୁଳ ସହର ତାଲିକା ତଳକୁ ଖସିଲେ ଦିଲ୍ଲୀ,କୋଲକାତା

ନୂଆଦିଲ୍ଲୀ: ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ସର୍ବଶେଷ ବିଶ୍ୱ ସହରୀକରଣ ସମ୍ଭାବନା ରିପୋର୍ଟ ଅନୁଯାୟୀ, ଭାରତର ଦୁଇଟି ବୃହତ୍ତମ ସହର ଦିଲ୍ଲୀ ଓ କୋଲକାତା ୨୦୨୫ ପାଇଁ ମିଳିତ ଜାତିସଂଘର ବିଶ୍ୱର ସର୍ବାଧିକ ଜନବହୁଳ ମେଗାସିଟି ମାନ୍ୟତାରେ ତଳକୁ ଖସିଛନ୍ତି । ଜାତିସଂଘର ନୂତନ ତାଲିକା ଅନୁଯାୟୀ, ଜାକର୍ତ୍ତା ହେଉଛି ବିଶ୍ୱର ସବୁଠାରୁ ଜନବହୁଳ ମେଗାସିଟି, ଯାହା ଟୋକିଓକୁ ପଛରେ ପକାଇଛି । ଟୋକିଓ ତୃତୀୟ ସ୍ଥାନରେ ରହିଛି । ୨୦୦୦ ମସିହାରେ ୧୮ ନିୟୁତ ଜନସଂଖ୍ୟା ସହିତ ଦିଲ୍ଲୀ ଷଷ୍ଠ ସ୍ଥାନରେ ଥିଲା । ୨୦୨୫ରେ ଦିଲ୍ଲୀ ଜନସଂଖ୍ୟା ୩୦.୨ ନିୟୁତକୁ ବୃଦ୍ଧି ପାଇଛି । ଆକଳନ ଅନୁଯାୟୀ, ଦିଲ୍ଲୀ ୨୦୨୨ରେ ଦ୍ୱିତୀୟ ସ୍ଥାନରେ ରହିଥିଲା । କିନ୍ତୁ ବର୍ତ୍ତମାନ ଜାକର୍ତ୍ତା, ଢାକା ଓ ଟୋକିଓ ତଳେ ବିଶ୍ୱରେ ଚତୁର୍ଥ ସ୍ଥାନରେ ଦିଲ୍ଲୀ ରହିଛି ବୋଲି ଜାତିସଂଘର ତଥ୍ୟ ଦର୍ଶାଉଛି । ୨୫ ବର୍ଷ ମଧ୍ୟରେ ଦିଲ୍ଲୀରେ ୧୨ ନିୟୁତରୁ ଅଧିକ ଲୋକ ବଢ଼ିଛନ୍ତି । କୋଲକାତା ୨୦୦୦ ମସିହାରେ, ୧୮.୪ ନିୟୁତ ବାସିନ୍ଦା ସହିତ ବିଶ୍ୱର ପଞ୍ଚମ ସର୍ବାଧିକ ଜନବହୁଳ ସହର ଥିଲା । ୨୦୨୫ ସୁଦ୍ଧା ଏହାର ଜନସଂଖ୍ୟା ୨୨.୬ ନିୟୁତକୁ ବୃଦ୍ଧି ପାଇଛି, ତଥାପି ଏହା ନବମ ସ୍ଥାନକୁ ଖସି ଆସିଛି । ଜାତିସଂଘ କହିଛି ଯେ, ବିଶ୍ୱର ଶ୍ରେଷ୍ଠ ୨୦ଟି ମେଗାସିଟି (୧୦ ନିୟୁତ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରାଞ୍ଚଳ) ମଧ୍ୟରେ ଭାରତର ପାଞ୍ଚଟି ସହର ରହିଛି, ଯାହା ଅନ୍ୟ କୌଣସି ଦେଶ ଅପେକ୍ଷା ଅଧିକ । ଦିଲ୍ଲୀ ଓ କୋଲକାତା ବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଓ ଚେନ୍ନାଇ ମଧ ବିଶ୍ୱର ୩୩ଟି ମେଗାସିଟି ତାଲିକାରେ ସ୍ଥାନ ପାଇଛନ୍ତି । ଜାତିସଂଘ ଆକଳନ କରିଛି ଯେ ୨୦୫୦ ସୁଦ୍ଧା ଦିଲ୍ଲୀର ଜନସଂଖ୍ୟା ୩୩.୯ ନିୟୁତରେ ପହଞ୍ଚିବ ଏବଂ ଏହା ଚତୁର୍ଥ ସ୍ଥାନରେ ରହିଥିବାବେଳେ କୋଲକାତା ମାତ୍ର ୨୩.୮ ନିୟୁତକୁ ବୃଦ୍ଧି ପାଇ ବିଶ୍ୱରେ ଦଶମ ସ୍ଥାନକୁ ଖସିଯିବ ବୋଲି ଆଶା କରାଯାଉଛି ।

ବିଶ୍ୱର ଶ୍ରେଷ୍ଠ ୧୦ଟି ଜନବହୁଳ ସହର: ଜାତିସଂଘ ରାଙ୍କିଙ୍ଗ ୨୦୨୫

| ସହର | ଦେଶ | ୨୦୦୦ | ୨୦୨୫ | ୨୦୫୦ |
|---|---|---|---|---|
| ଜାକର୍ତ୍ତା | ଇଣ୍ଡୋନେସିଆ | ୨ | ୧ | ୨ |
| ଢାକା | ବାଂଲାଦେଶ | ୯ | ୨ | ୧ |
| ଟୋକିଓ | ଜାପାନ | ୧ | ୩ | ୭ |
| ଦିଲ୍ଲୀ | ଭାରତ | ୬ | ୪ | ୪ |
| ସାଂଘାଇ | ଚୀନ୍ | ୧୪ | ୫ | ୩ |
| ଗୁଆଙ୍ଗଝୋଉ | ଚୀନ୍ | ୩ | ୬ | ୮ |
| କାଇରୋ | ଇଜିପ୍ଟ | ୧୨ | ୭ | ୬ |
| ମାନିଲା | ଫିଲିପାଇନ୍ସ | ୭ | ୮ | ୯ |
| କୋଲକାତା | ଭାରତ | ୫ | ୯ | ୧୦ |
| ସିଓଲ | ଦ. କୋରିଆ | ୪ | ୧୦ | ୧୨ |



## ଗେମିଂ ସଂସ୍ଥା ୱିନ୍‌ଜୋର ପ୍ରତିଷ୍ଠାତା ଗିରଫ: ୫୨୩ କୋଟିର ସମ୍ପତ୍ତି ଜବତ




ନୂଆଦିଲ୍ଲୀ: ଅନ୍‌ଲାଇନ୍ ଗେମିଂ ପ୍ଲାଟଫର୍ମ ୱିନ୍‌ଜୋର ଦୁଇ ପ୍ରତିଷ୍ଠାତା ସୌମ୍ୟା ସିଂହ ରାଠୋର ଓ ପବନ ନନ୍ଦାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି । ସେମାନଙ୍କ ବିରୋଧରେ ମନି ଲଣ୍ଡରିଂ, ଗ୍ରାହକଙ୍କୁ ହଇରାଣ, ପାନ୍‌ର ଅପବ୍ୟବହାର ଭଳି ଅଭିଯୋଗ ଥିଲା । କିଛି ଦିନ ତଳେ ୱିନ୍‌ଜୋର ବେଙ୍ଗାଲୁରୁ, ଗୁରୁଗାଓଁ ଓ ଦିଲ୍ଲୀରେ ଥିବା ଠିକଣାରେ ଚଢ଼ଉ କରି ୫୨୩ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଥିଲା । ୱିନ୍‌ଜୋ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍ ଆଧାରରେ ତଦନ୍ତ କରି ଇଡି କମ୍ପାନିର ଠିକଣାରେ ଚଢ଼ଉ କରିଥିଲା । ଚଢ଼ଉରୁ ଜଣାପଡ଼ିଥିଲା ଯେ ୱିନ୍‌ଜୋ ହେଉଛି ଏକ ରିଅଲ ମନି ଗେମ୍ କମ୍ପାନି । ଭାରତରେ ଏଭଳି ଗେମ୍ ନିଷିଦ୍ଧ ହୋଇଥିଲେ ମଧ କମ୍ପାନି ବ୍ରାଜିଲ, ଆମେରିକା ଓ ଜର୍ମାନୀ ଭଳି ଦେଶ ପାଇଁ ଏହାର ଆପ୍‌କୁ ଭାରତରୁ ଚଳାଉଥିଲା । ରିଅଲ ମନି ଗେମ୍ ନିଷିଦ୍ଧ ହେବା ପରେ ମଧ କମ୍ପାନି ବେଆଇନ ଭାବେ ଗ୍ରାହକଙ୍କ ୪୩ କୋଟି ଟଙ୍କା ଫେରାଇ ନଥିଲା । କମ୍ପାନି ଗେମରମାନଙ୍କୁ ମଧ ଠକୁଥିଲା । ସେମାନଙ୍କ ଅଜାଣତରେ ଆଲଗୋରିଦମ୍ ଓ ସଫ୍ଟୱେରକୁ ବ୍ୟବହାର କରାଯାଉଥିଲା । ଗେମରମାନେ କୌଣସି ଅସଲି ମଣିଷ ନୁହେଁ, ବରଂ ମେସିନ ସହ ଖେଳୁଥିଲେ । ୱିନ୍ ଜୋ ବିରୋଧରେ ଠକେଇ, ଆକାଉଣ୍ଟ ବ୍ଲକ୍ କରିବା, ପରିଚୟ ଚୋରି ଓ ପାନ୍ ଅପବ୍ୟବହାର କରିବା ଭଳି ଅଭିଯୋଗ ରହିଛି । କମ୍ପାନି ଗ୍ରାହକମାନଙ୍କ କେୱାଇସିର ମଧ ଅପବ୍ୟବହାର କରୁଥିଲା । ସେଥିପାଇଁ ଗ୍ରାହକମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିଥିବା ଇଡି ପକ୍ଷରୁ କୁହାଯାଇଛି ।

## ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର



ଢାକା: ବାଂଲାଦେଶ (ଈବଭଶକ୍ଷବୟରଶ୍ୱକ୍ଷ)ରୁ ଏବେ ଏକ ବଡ଼ ଖବର ଆସୁଛି । ଶେଖ୍ ହାସିନାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ଈଘଚ) ଅଧ୍ୟକ୍ଷା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଖବର ମିଳିଛି । ଏହା ବାଂଲାଦେଶ ରାଜନୀତିରେ ହଇଚଇ ସୃଷ୍ଟି କରିଛି । ଖାଲେଦା ଜିଆଙ୍କ ଜଣେ ଘନିଷ୍ଠ ସହଯୋଗୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ୮୦ ବର୍ଷୀୟା ଖାଲେଦା ଜିଆଙ୍କ ଛାତିରେ ସଂକ୍ରମଣ ଥିବା ଜଣାପଡିଛି, ଯାହା ତାଙ୍କ ହୃଦୟ ଏବଂ ଫୁସଫୁସ ଉଭୟକୁ ପ୍ରଭାବିତ କରିଛି । ଗତ ରବିବାର ରାତିରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ କୌଣସି ଉନ୍ନତି ପରି ମନେ ହେଉନାହିଁ । ଶୁକ୍ରବାର ଦିନ, ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟଜନକ ଥିବା ରିପୋର୍ଟ ପ୍ରକାଶ ପାଇଛି । ଏକ ବିଶେଷଜ୍ଞ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଛନ୍ତି ।

ଖାଲିଦା ଜିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସମଗ୍ର ବାଂଲାଦେଶ, ଏପରିକି ଭାରତର ନଜର ରହିବ । କାରଣ ବାଂଲାଦେଶର ସବୁଠାରୁ ବଡ଼ ରାଜନୈତିକ ଦଳ ଆୱାମୀ ଲିଗର ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବେ ଭାରତରେ ଅଛନ୍ତି । ତାଙ୍କ ପଳାୟନ ବାଂଲାଦେଶ ରାଜନୀତିରେ ଏକ ଖାଲି ସ୍ଥାନ ସୃଷ୍ଟି କରିଛି । ସେହିପରି ବାଂଲାଦେଶର ଆଉ ଏକ ପ୍ରମୁଖ ଦଳ ବିଏନପିର ମୁଖ୍ୟ ଖାଲିଦା ଜିଆଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଲେ ତାହା ବାଂଲାଦେଶରେ ଗଣତନ୍ତ୍ରର ସ୍ଥିତିକୁ ଆହୁରି ବିପନ୍ନ କରିବ । ଏହା ସହିତ କ୍ଷମତା ଅକ୍ତିଆର କରିଥିବା ମହମ୍ମଦ ୟୁନୁସଙ୍କ ଏକଛତ୍ର ଶାସନ ପାଇଁ ପଥ ପରିଷ୍କାର ହେବ । ପୁଣି ଭାରତ ପାଇଁ ମଧ ଏହା ଏକ ଭଲ ଖବର ନୁହେଁ । କାରଣ ଶେଖ ହସିନାଙ୍କ ପରେ ଭାରତ ଖାଲିଦାଙ୍କ ସହ ସଂପର୍କ ରକ୍ଷା କରିଥିଲା । କିନ୍ତୁ ଏବେ ଭାରତ ପାଇଁ ସ୍ଥିତି ଜଟିଳ ହୋଇପଡ଼ିବ । କାରଣ ବାଂଲାଦେଶରେ ଏବେ ଏକ ସଂପୂର୍ଣ୍ଣ ଭାରତ ବିରୋଧୀ ସରକାର ରହିଛି ।

## ଦିଲ୍ଲୀ ପ୍ରଦୂଷଣ ନେଇ ମୋଦୀଙ୍କୁ ଘେରିଲେ ରାହୁଲ

ନୂଆଦିଲ୍ଲୀ: ଦିଲ୍ଲୀର ଖରାପ ହେଉଥିବା ବାୟୁ ପ୍ରଦୂଷଣ ଉପରେ ସଂସଦରେ ବିସ୍ତୃତ ଆଲୋଚନା କରିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସରକାରଙ୍କୁ ଅନୁରୋଧ କରିଛନ୍ତି । ପ୍ରଦୂଷଣକୁ ନେଇ ରାହୁଲ ଗାନ୍ଧୀ ତାଙ୍କ ବାସଭବନରେ ଦଳେ ମା'ଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ସହ କଥାବାର୍ତ୍ତାର ଏକ ଭିଡିଓ ସେୟାର କରିଥିଲେ । ରାହୁଲ କହିଛନ୍ତି, ମୁଁ ସାକ୍ଷାତ୍ କରିଥିବା ପ୍ରତ୍ୟେକ ମା' ମୋତେ ସମାନ କଥା କହିଛନ୍ତି: ତାଙ୍କ ପିଲା ବିଷାକ୍ତ ବାୟୁ ନେଇ ବଢୁଛି । ସେମାନେ କ୍ଳାନ୍ତ, ଭୟଭୀତ ଓ କ୍ରୋଧିତ । ମୋଦୀଜୀ, ଭାରତର ପିଲାମାନେ ଆମ ସାମ୍ନାରେ ଶ୍ୱାସରୁଦ୍ଧ ହେଉଛନ୍ତି । ଆପଣ କିପରି ଚୁପ୍ ରହିପାରିବେ ? ଆପଣଙ୍କ ସରକାର କାହିଁକି କୌଣସି ତତ୍ପରତା, କୌଣସି ଯୋଜନା କିମ୍ବା ଉତ୍ତରଦାୟିତ୍ୱ ପ୍ରଦର୍ଶନ କରୁନାହାନ୍ତି ବୋଲି ସେ ଏକ୍ସରେ ପ୍ରଶ୍ନ କରିଛନ୍ତି । ଗତ ୧୫ ଦିନ ଧରି ଦିଲ୍ଲୀ ଅତ୍ୟନ୍ତ ଖରାପ ବାୟୁ ଗୁଣବତ୍ତା ସହ ସଂଘର୍ଷ କରୁଛି । ବାୟୁ ଗୁଣବତ୍ତା ଆଗୁଆ ଚେତାବନୀ ପ୍ରଣାଳୀର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ସପ୍ତାହରେ ଅବସ୍ଥା 'ଅତ୍ୟନ୍ତ ଖରାପ' ରହିବ । ପ୍ରଦୂଷଣ ସ୍ତର 'ଅତ୍ୟନ୍ତ ଖରାପ' ଓ 'ଗମ୍ଭୀର' ବର୍ଗକୁ ଖସି ଆସୁଥିବାରୁ ଡାକ୍ତରମାନେ ପ୍ରଦୂଷଣ ସମ୍ବନ୍ଧୀୟ ରୋଗର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ସ୍କ୍ରିନିଂ କରିବାକୁ ପରାମର୍ଶ ଦେଇଛନ୍ତି । ବିଶେଷକରି ଶିଶୁ, ଧୂମପାନକାରୀ, ଶ୍ୱାସରୋଗୀ ଓ ହୃଦ୍‌ରୋଗ ସମସ୍ୟା ଥିବା ଲୋକଙ୍କ ପାଇଁ ଏହା ଜରୁରୀ ।



## ନିର୍ବାଚନ କମିସନଙ୍କ କଡ଼ା ନିର୍ଦ୍ଦେଶ, ବୁଥ୍ ଅଧିକାରୀମାନଙ୍କୁ ଧମକ ଦିଅନାହିଁ

ନୂଆଦିଲ୍ଲୀ : ଶୁକ୍ରବାର ଅନୁଷ୍ଠିତ ଏସଆଇଆର ବୈଠକ ପରେ, ଭାରତର ନିର୍ବାଚନ କମିସନ ତୃଣମୂଳ କଂଗ୍ରେସ (ଝଗଉ)କୁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ଯେ ସେମାନେ ବୁଥ୍ ଅଧିକାରୀମାନଙ୍କୁ ଧମକ ଦିଅନ୍ତୁ ନାହିଁ କିମ୍ବା ପ୍ରଭାବିତ କରିବାର ଚେଷ୍ଟା କରନ୍ତୁ ନାହିଁ । ବୈଠକରେ, ନିର୍ବାଚନ କମିସନ ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସ ପ୍ରତିନିଧିମଣ୍ଡଳୀ ଦ୍ୱାରା କରାଯାଇଥିବା ସମସ୍ତ ଆଶଙ୍କା ଏବଂ ଭିତ୍ତିହୀନ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ନିର୍ବାଚନ କମିସନ ସେମାନଙ୍କୁ ଡିସେମ୍ବର ୯ ପରେ ଦାବି ଏବଂ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଛନ୍ତି, ଯେତେବେଳେ ସେମାନଙ୍କ ସହିତ ଡ୍ରାଫ୍ଟ ତାଲିକା ସେୟାର କରାଯିବ । ସେପର୍ଯ୍ୟନ୍ତ, ସେମାନେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନିୟୋଜିତ ରାଜ୍ୟ ସରକାରୀ କର୍ମଚାରୀ, ଈଖଡ, ରଜଡ ଏବଂ ଉରଡ ମାନଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ।

ନିର୍ବାଚନ କମିସନ ପଶ୍ଚିମବଙ୍ଗର ପୋଲିସ ମହାନିର୍ଦ୍ଦେଶକ ଏବଂ କୋଲକାତା ପୁଲିସ କମିସନରଙ୍କୁ ଚିଠି ଲେଖି କହିଛନ୍ତି ଯେ ରାଜନୈତିକ ଦଳର କର୍ମୀମାନେ ଈଖଡ ମାନଙ୍କୁ ଚାପ କିମ୍ବା ଧମକ ଦେବେ ନାହିଁ । ନିର୍ବାଚନ କମିସନ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ବସ୍ତି, ଉଚ୍ଚ କୋଠା ଏବଂ ଫାଟକଯୁକ୍ତ ଆବାସିକ କଲୋନୀରେ ନୂତନ ମତଦାନ କେନ୍ଦ୍ର ସ୍ଥାପନ କରାଯାଉଛି ତାହା ନିଶ୍ଚିତ କରନ୍ତୁ । ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟରେ ସୁରକ୍ଷା ଉଲ୍ଲଂଘନ ସହିତ ଜଡିତ ସାମ୍ପ୍ରତିକ ଘଟଣା ଉପରେ ଆଧାର କରି ନିର୍ବାଚନ କମିସନ କାର୍ଯ୍ୟାଳୟକୁ ଅଧିକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ବିଦ୍ୟମାନ ଏବଂ ନୂତନ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ବାଚନ କମିସନ କୋଲକାତା ପୁଲିସ କମିସନରଙ୍କୁ ମଧ ନିର୍ଦ୍ଦେଶ ଦେଇଛନ୍ତି ।



# ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ

ବଲାଙ୍ଗିର,୨୮।୧୧ (ଏଜେନ୍ସି) : ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ,ଫେନସିଂ ଓ ଥାଙ୍ଗ ଟା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲୱାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ,ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ,ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ,ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା) ଜ୍ୟୋତିପ୍ରସାଦ ପରିଡ଼ା, ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର,ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ,ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ରାଜ୍ୟ ଫେନସିଂ ସଂଘ ଯୁଗ୍ମ ସଂପାଦକ ସୁମିତ କୁମାର ପୁରୋହିତ,ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୁଣନିଧି ମଲ୍ଲିକ,ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଖେଳାଳି ମାନଙ୍କ ଖେଳୁଆଡ ମନୋବୃତ୍ତିକୁ ଆଗକୁ ବଢ଼େଇବା ପାଇଁ ପ୍ରେରଣା ଦେଇଥିଲେ । କ୍ରୀଡ଼ା ଶିକ୍ଷକ ହେମନ୍ତ ପ୍ରଧାନ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋଟ ୩୧ଟି ଜିଲ୍ଲାର ୫୫୭ ପ୍ରତିଯୋଗୀ ୪୧ ଜଣ ଟିମ ମ୍ୟାନେଜର ଓ କୋଚ ଏବଂ ୧୦୩ ଜଣ ରାଜ୍ୟ ଖେଳ ପରିଚାଳକ ଓ ୧୯୫ ଜଣ ଜିଲ୍ଲା ଅଫିସିଆଲ ଯୋଗ ଦେଇଛନ୍ତି । ଏହି ଉଦଘାଟନୀ ସମାରୋହକୁ ବଲାଙ୍ଗୀର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା,ରୀନା କୁମାରୀ ବେହେରା,ସେବାଶ୍ରୀ ଭୋଇ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକର ବିଇଓ, ପ୍ରଧାନ ଶିକ୍ଷକ ଓ ଜିଲ୍ଲାର ସମସ୍ତ କ୍ରୀଡ଼ା ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଟେଷ୍ଟ ବିପର୍ଯ୍ୟୟ ପାଇଁ କ୍ଷମା ମାଗିଲେ ପନ୍ତ

ନୂଆଦିଲ୍ଲୀ,୨୮।୧୧ (ଏଜେନ୍ସି) : ଦକ୍ଷିଣ ଆଫ୍ରିକାଠାରୁ ଲଜ୍ଜାଜନକ ଭାବେ ୦-୨ରେ ଘରୋଇ ଶୃଙ୍ଖଳା ହାରିବା ପରେ ଭାରତୀୟ କ୍ରିକେଟ୍‌ଦଳର ଉପଅଧିନାୟକ ଋଷଭ ପନ୍ତ ଏକ ଇନଷ୍ଟାଗ୍ରାମ୍ ପୋଷ୍ଟରେ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି । ପନ୍ତ ବ୍ୟକ୍ତିଗତ ଭାବେ ଏହି ଶୃଙ୍ଖଳାରେ ପୂରା ବିଫଳ ହୋଇଥିଲା ବେଳେ ୪ଟି ପାଳିରୁ ଅତ୍ୟନ୍ତ ନୈରାଶ୍ୟଜନକ ଭାବେ ୧୨.୨୫ ହାରରେ ୪୯ ରନ୍ କରିଛନ୍ତି । ଶୁବମନ୍ ଗିଲଙ୍କ ଅନୁପସ୍ଥିତିରେ ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଗୁଆହାଟୀ ଟେଷ୍ଟକୁ ୪୦୮ ରନରେ ହାରିଥିଲା । ଯାହା ଘରୋଇ ପରିବେଶରେ ଭାରତର ସର୍ବବୃହ୍ତ (ରନ୍ ବ୍ୟବଧାନରେ) ପରାଜୟ ଥିଲା । ଏଭଳି ଶୋଚନୀୟ ପ୍ରଦର୍ଶନ ପରେ ପ୍ରଶଂସକ ଭାରତୀୟ ଦଳକୁ ସାମାଜିକ ଗଣମାଧ୍ୟମରେ ଭୀଷଣ ଟ୍ରୋଲ୍ କରୁଛନ୍ତି । ପ୍ରଶିକ୍ଷକ ଗେତମ ଗମ୍ଭୀର ସର୍ବାଧିକ ସମାଲୋଚନାର ଶିକାର ହେଉଥିଲା ବେଳେ ଖେଳାଳିମାନେ ମଧ୍ୟ ଏଥିରୁ ବର୍ତ୍ତି ନାହାନ୍ତି । ପ୍ରଶଂସକଙ୍କ ମନର ଭାବନା ଓ ଦୁଃଖକୁ ବୁଝି ପାରି ପନ୍ତ ଗୁରୁବାର ପ୍ରକାଶ କରିଥିବା ଲମ୍ବା ଲେଖାରେ ଭାରତୀୟ ଦଳର ଏଭଳି ଅପ୍ରତ୍ୟାଶିତ ବିପର୍ଯ୍ୟୟ ଲାଗି ପଶ୍ଚାତାପ କରିଛନ୍ତି । ଗତ ଦୁଇ ସପ୍ତାହ ଭିତରେ ଭାରତୀୟ ଦଳ ଅତ୍ୟନ୍ତ ନିମ୍ନ ମାନର କ୍ରିକେଟ୍



ଖେଳିଥିବା କଥା ମଧ୍ୟ ସେ ଏଥିରେ ଖୋଲାଖୋଲି ଭାବେ ସ୍ୱୀକାର କରିଛନ୍ତି । ଭାରତୀୟ ଦଳର ପ୍ରତିନିଧିତ୍ୱ କରିବାକୁ ଜୀବନର ସବୁଠୁ ବଡ଼ ସମ୍ମାନ ଭାବେ ବର୍ଣ୍ଣନା କରିଥିବା ପନ୍ତ ଆଗାମୀ ସମୟରେ ଟିମ୍ ଇଣ୍ଡିଆ ଆହୁରି ଶକ୍ତିଶାଳୀ ହୋଇ ଫେରିବ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି । ନିଜ ଲମ୍ବା ପୋଷ୍ଟରେ ପନ୍ତ ଲେଖିଛନ୍ତି, ଗତ ଦୁଇ ସପ୍ତାହ ହେବ ଆମେ ଅତ୍ୟନ୍ତ ନିମ୍ନମାନର କ୍ରିକେଟ୍ ଖେଳିବା କଥାକୁ ମୁଁ ଆଦୌ ଅସ୍ୱୀକାର କରିବିନି । ଏକ ଦଳ ଏବଂ ଜଣେ ଖେଳାଳିଭାବେ ଆମେ ସବୁବେଳେ ସର୍ବୋଚ୍ଚ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି କୋଟି କୋଟି ଭାରତୀୟଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଥାଉ । ଏଥର ଆମେ ପ୍ରଶଂସକଙ୍କ ଆଶା ପୂରଣ କରିପାରି ନଥିବାରୁ କ୍ଷମା ମାଗୁଛି । ହେଲେ କ୍ରୀଡ଼ା ଆପଣଙ୍କୁ ସବୁବେଳେ ନୂଆନୂଆ କଥା ଜାଣିବା ଓ ଏହାର ଗ୍ରହଣୀ ।ତା ଜରିଆରେ ଆଗକୁ ବିବାକୁ ଶିକ୍ଷା ଦେଇଥାଏ । ମୁଁ ଜାଣିଛି ଆମ ଦଳର ପୂରା ଦକ୍ଷତା ଅଛି । ଆମେ କଠିନ ପରିଶ୍ରମ କରିବାକୁ, ପୁଣି ଥରେ ଏକାଠି ହୋଇ ଦେଶ ପାଇଁ ଗର୍ବ ଓ ଗେରବ ଆଣିବାକୁ ଚେଷ୍ଟା କରିବୁ । ନିସ୍ୱାର୍ଥପର ଭଲପାଇବା ଲାଗି ଆ ।ପଣମାନଙ୍କୁ ଅଶେଷ କୃତଜ୍ଞତା । ଜୟ ହିନ୍ଦ । ଟେଷ୍ଟ ଶୃଙ୍ଖଳାକୁ ଅପ୍ରତ୍ୟାଶିତ ଭାବେ ହାରିବା ପରେ ଭାରତୀୟ ଦଳ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ଶୃଙ୍ଖଳାରେ ଏହାର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ । ଏହା ପୂର୍ବରୁ ପନ୍ତଙ୍କ ଏହି ଲେଖା ପ୍ରଶଂସକଙ୍କ ରାଗ, କ୍ଷୋଭ ଓ ଅଭିମାନକୁ କିଛିଟା ଲାଘବ କରିବ ବୋଲି ଭାରତୀୟ ଦଳ ଆ ।ଶା ରଖିଛି ।

ଦକ୍ଷିଣ ଆଫ୍ରିକା ଶୃଙ୍ଖଳାରେ ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ ଓ ସାଇ ସୁଦର୍ଶନ ପ୍ରଭାବହୀନ କ୍ରିକେଟ୍ ଖେଳିବା ପରେ ତିନି ଯୁବ ତାରକା ଋତୁରାଜ ଗାଏକ୍ୱାଡ୍, ରଜତ ପଟିଦାର ଓ ରିଙ୍କୁ ସିଂହଙ୍କୁ ସେମାନଙ୍କ ସ୍ଥାନରେ ଭାରତୀୟ ଟେଷ୍ଟ ଦଳରେ ସୁଯୋଗ ଦେବାକୁ ଦାବି ଉଠିଛି । ସେହିଭଳି ଘରୋଇ କ୍ରିକେଟ୍ରେ ୭୮ ହାରରେ ରନ୍ କରିଥିବା ସ୍ମରଣ ରବିଚନ୍ଦ୍ରନ୍ ଓ ଯଶ୍ ରାଠୋଡ୍ (ଗତ ଋତୁରେ ୯୬୦ ରନ୍)ଙ୍କୁ ବି ମଧ୍ୟକ୍ରମରେ ସୁଯୋଗ ଦେବାର ସାହସ ଦେଖାଇବାକୁ ବିଶେଷଜ୍ଞମାନେ ଭାରତୀୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି । ସର୍ଫରାଜ ଖାନ୍ ଓ ଅଭିମନ୍ୟୁ ଈଶ୍ୱରନ୍‌ଙ୍କୁ ଚୟନ କରି ନଥିବାରୁ ସେମାନେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ବିଶେଷ କରି ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ଅଲ୍‌ରାଉଣ୍ଡର୍ ଭାବେ ଖେଳାଇବାର ନିଷ୍ପତ୍ତି ନେଇ ଅନେକ ପୂର୍ବତନ କ୍ରିକେଟର୍ ପ୍ରଶ୍ନ ଉଠାଇଛନ୍ତି ।

# ଆଜିଠାରୁ କନିଷ୍ଠ ପୁରୁଷ ହକି ବିଶ୍ୱକପ୍

ରାଉରକେଲା,୨୮।୧୧ (ଏଜେନ୍ସି) : ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ୧୪ତମ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରାଯାଉଛି । ଏହି ଅନ୍ତର୍ଜାତୀୟ ହକି ମହାକୁମ୍ଭରେ ୨୪ଟି ଦେଶ ଅଂଶଗ୍ରହଣ କରିବେ । ଭାରତ ୨୦୧୩ରେ ଦିଲ୍ଲୀ, ୨୦୧୬ରେ ଲକ୍ଷ୍ନୌ ଓ ୨୦୨୧ରେ ଭୁବନେଶ୍ୱର ପରେ ଚତୁର୍ଥଥର ପାଇଁ ଏହାର ଆୟୋଜନ କରୁଛି । ଏଯାଏ ଭାରତ ଦୁଇଥର (୨୦୦୧-ଅଷ୍ଟ୍ରେଲିଆ) ଓ (୨୦୧୬-ଭାରତ) ବିଶ୍ୱକପ୍ ଜିତିଛି । ଗତ ଦୁଇ ସଂସ୍କରଣ ୨୦୨୧ ଓ ୨୦୨୩ ରେ ଭାରତ ଚତୁର୍ଥ ସ୍ଥାନରେ ରହିଛି । ଏଣୁ ଘରୋଇ ଦଳ ତୃତୀୟ ଥର କପ୍ ହାତେଇବା ପାଇଁ ପୂରା ଦମ୍ ଲଗାଇବ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଘୋଷିତ ୧୮ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସାମିଲ ହୋଇଛନ୍ତି । ତା' ଛଡ଼ା ଅନ୍ୟତମ ଓଡ଼ିଆ ରୋହିତ କୁଲୁ ବଦଳ ଖେଳାଳି ଭାବେ ୨୦ ଜଣିଆ ଦଳରେ ଅଛନ୍ତି । କନିଷ୍ଠ ହକି ବିଶ୍ୱକପ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଭାଶାଳୀ ମଧ୍ୟଭାଗ ଖେଳାଳି ରୋଶନ କୁଜୁର ଖେଳିବେ । ରାଜଗାଙ୍ଗପୁର ବ୍ଲକ୍ ଡାମପୋଷ ଗାଁର ଇସାକ କୁଜୁରଙ୍କ ୨୦ ବର୍ଷୀୟ ପୁଅ ୨୦୧୫ ପାନପୋଷ ହକି ଛାତ୍ରାବାସରେ ଯୋଗ ଦେଇଥିଲେ । ଗତବର୍ଷ ନେଦରଲ୍ୟାଣ୍ଡ ଗସ୍ତରୁ ଅନ୍ତର୍ଜାତୀୟ ହକି କ୍ୟାରିୟର ଆରମ୍ଭ କରିବା ପରେ ସେ କନିଷ୍ଠ ଏସିଆ କପ୍ ହକି, ସୁଲତାନ ଅଫ୍ ଜୋହର କପ୍‌ପରେ ଏବେ ବିଶ୍ୱକପରେ ଖେଳିବେ ।

# ମୁଛଲଙ୍କୁ ଅନଫଲୋ କଲେ ସ୍ମୃତି ମନ୍ଧାନା !

ମୁମ୍ବାଇ,୨୮।୧୧ (ଏଜେନ୍ସି) : ସ୍ମୃତି ମନ୍ଧାନାଙ୍କ ବିବାହ ପୂର୍ବରୁ ପୋଷ୍ଟଗୁଡ଼ିକ ଇନଷ୍ଟାଗ୍ରାମରୁ ଗାଏବ ହୋଇଯିବା ପରେ ପ୍ରଶଂସକମାନେ କ୍ରୋଧିତ ହୋଇଥିଲେ, ଯାହା ଫଳରେ କ୍ରିକେଟର ଏବଂ ତାଙ୍କ ମଙ୍ଗେତର, ସଂଗୀତକାର ପଲାଶ ମୁଛଲଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାର ଗୁଜବ ସୃଷ୍ଟି ହୋଇଥିଲା । କିଛି ଘଣ୍ଟା ମଧ୍ୟରେ, ସୋସିଆଲ ମିଡିଆ ସ୍କ୍ରିନସଟ ଏବଂ କଳ୍ପନାଜଳ୍ପନାରେ ମସଗୁଲ ହୋଇଗଲା । ଅନେକ ଲୋକ ଭାବିଥିଲେ ଯେ ଏହି ଦମ୍ପତି ଚୁପଚାପ ପରସ୍ପରକୁ ଅନଫଲୋ କରିଦେଇଛନ୍ତି । ଭାରତୀୟ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଏବଂ ପଲାଶ ମୁଛଲ ନଭେମ୍ବର ୨୩ରେ ବିବାହ କରିବାକୁ ସ୍ଥିର ହୋଇଥିଲା । ହଳଦୀ ଏବଂ ମେହେନ୍ଦି ଠାରୁ ଆରମ୍ଭ କରି ସଙ୍ଗୀତ ପର୍ଯ୍ୟନ୍ତ ସମସ୍ତ ରୀତିନୀତି ଶେଷ ହୋଇଥିଲା । ଏହି ସମୟରେ, ବିବାହ ଦିନ ମନ୍ଧାନାଙ୍କ ବାପା ଅସୁସ୍ଥ ହୋଇପଡ଼ିଲେ । ତାଙ୍କୁ ସାମାନ୍ୟ ହୃଦଘାତ ହୋଇଥିଲା ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ, ମନ୍ଧାନା ବିବାହକୁ ସ୍ଥଗିତ ରଖିଥିବା ଖବର ପ୍ରକାଶ ପାଇଲା । ପରେ ପଲାଶ ମୁଛଲ ମଧ୍ୟ ଅସୁସ୍ଥ ହୋଇପଡ଼ିଲେ, ଯାହା ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି କଲା । ସ୍ମୃତି ମନ୍ଧାନା ପଲାଶ ମୁଛଲଙ୍କ ସହ ତାଙ୍କ ପୂର୍ବ ବିବାହ ଉତ୍ସବ ସହିତ



ଜଡିତ ସମସ୍ତ ପୁରୁଣା ସୋସିଆଲ ମିଡିଆ ପୋଷ୍ଟକୁ ଡିଲିଟ କରିଦେଇଛନ୍ତି । ଉତ୍ସବ ଶେଷ ହେବା ମାତ୍ରେ, ସ୍ମୃତିଙ୍କ ପ୍ରୋଫାଇଲରୁ ନିର୍ବନ୍ଧ ଏବଂ ପୂର୍ବ ବିବାହ କାର୍ଯ୍ୟକ୍ରମ ସହିତ ଜଡିତ ଅନେକ ପୋଷ୍ଟ ଗାଏବ ହୋଇଗଲା, ଅନଲାଇନରେ କଳ୍ପନାଜଳ୍ପନା ତୀବ୍ର ହୋଇଗଲା । ନିଖୋଜ ପୋଷ୍ଟଗୁଡ଼ିକ ମଧ୍ୟରେ ତାଙ୍କର ନିର୍ବନ୍ଧ ଘୋଷଣା ମଧ୍ୟ ଥିଲା, ଯେଉଁଥିରେ ସେ ତାଙ୍କ ଭାରତୀୟ ସାଥୀ ଖେଳାଳିଙ୍କ ସହିତ ଏକ ଗୀତରେ ନାଚିଥିଲେ । ଏହି କ୍ଲିପଟି ଆଉ ତାଙ୍କ ଏବଂ ତାଙ୍କ ସାଥୀ ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଦେଖାଯାଉନାହିଁ । ଏହି ପୋଷ୍ଟଗୁଡ଼ିକ ହଠାତ ହଟାଇ ଦେବା ପରେ ଦମ୍ପତିଙ୍କ ସମ୍ପର୍କ ବିଷୟରେ ଗୁଜବ ସୃଷ୍ଟି ହୋଇଥିଲା, ଯାହା ଫଳରେ ପଲାଶ ମୁଛଲଙ୍କ ଭଉଣୀ, ପ୍ଲେବ୍ୟାକ ଗାୟିକା ପଲକ ମୁଛଲ ପରିସ୍ଥିତିର ସମାଧାନ କରିବାକୁ ବାଧ୍ୟ ହୋଇଥିଲେ । ଏକ ଛୋଟ ନୋଟରେ, ସେ ସ୍ପଷ୍ଟ କରିଥିଲେ ଯେ କେବଳ ସ୍ମୃତିଙ୍କ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯୋଗୁ ବିବାହ ସ୍ଥଗିତ ରଖାଯାଇଛି । ଅନଲାଇନରେ ହଙ୍ଗାମା ସତ୍ତ୍ୱେ, ଦୁହେଁ ଏବେ ବି ଇନଷ୍ଟାଗ୍ରାମରେ ପରସ୍ପରକୁ ଫଲୋ କରନ୍ତି, ଯାହା ବ୍ରେକଅପ ଗୁଜବର ଅନ୍ତ ଘଟାଇଛି । ସ୍ମୃତି ମନ୍ଧାନା କିମ୍ବା ପଲାଶ ମୁଛଲ ସେମାନଙ୍କ ଆଗାମୀ ବିବାହର ନିଷ୍ପତ୍ତି କିମ୍ବା ସ୍ଥିତି ସମ୍ପର୍କରେ କୌଣସି ବ୍ୟକ୍ତିଗତ ବିବୃତ୍ତି ଜାରି କରିନାହାଁନ୍ତି ।

# ଉଖୁଣ୍ଡା ଶିଶୁମନ୍ଦିରର କ୍ରୀଡା ପ୍ରତିଯୋଗିତା

କେନ୍ଦୁଝର,୨୮।୧୧ (ଏଜେନ୍ସି) : ଝୁମ୍ପୁରା ସଂକୁଳ ଉଖୁଣ୍ଡା ଶିଶୁମନ୍ଦିରର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ଗୁଣନିଧି ମହାନ୍ତ ମୁଖ୍ୟଅତିଥି ଏବଂ ପ୍ରଧାନ ଆଚାର୍ଯ୍ୟ ଗୋପାଳ ଚନ୍ଦ୍ର ପାତ୍ରଙ୍କର ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରାରମ୍ଭରେ ସ୍ଥାନୀୟ ଭୋଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ଉଖୁଣ୍ଡା ଷ୍ଟାଡ଼ିୟମରେ ପରିକ୍ରମା କରି ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ବାର୍ଷିକକ୍ରୀଡା ପତାକା ଉତ୍ତୋଳନ କରି ବନ୍ଦନା ଓ ସାମୁହିକ ସଂଗୀତ ଗାନ କରାଯାଇ କ୍ରୀଡାର ଶୁଭାରମ୍ଭ ହୋଇଥିଲା । ଉଦଯାପନୀ ଉତ୍ସବରେ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ମୁଖ୍ୟ ଅତିଥି? ଅନୁଷ୍ଠାନର ସଭାପତି ଭକ୍ତବନ୍ଧୁ ମହାନ୍ତି, ସମ୍ମାନୀତ ଅତିଥି? ବିଦ୍ୟାଳୟର ସମ୍ପାଦକ ଗୁଣନିଧି ମହାନ୍ତ ଓ ସମ୍ମାନୀତ ଅତିଥି ଉଖୁଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବୀଣାପାଣି ନାଏକ ଯୋଗ ଦେଇଥିଲେ ଏବଂ ପୁରସ୍କାର ବିତରଣ କରିଥିଲେ ।

# ବିଦ୍ୟାଳୟ ସମୂହ ବାଳକ ଓ ବାଳିକା କ୍ରିକେଟ

କେନ୍ଦୁଝର,୨୮।୧୧ (ଏଜେନ୍ସି) : ହାଟଡିହି ବ୍ଲକ ସୁନ୍ଦରାପାଲ ଗଡଚଣ୍ଡି ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୬୯ ତମ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ବାଳକ ଓ ବାଳିକା କ୍ରିକେଟ ପ୍ରତିଯୋଗୀତାର ଉଦଘାଟିତ ହୋଇଯାଇଅଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ସାଂସଦ ଅନନ୍ତ ନାୟକ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ସାହୁଙ୍କ ସହ ଶିକ୍ଷ୍ୟା ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ ।

# 'ବାଲ୍ ବିବାହମୁକ୍ତ ଭାରତ ଅଭିଯାନ'

ଭୁବନେଶ୍ୱର,୨୮।୧୧ (ଏଜେନ୍ସି) : ହମାରା ବଚ୍‌ପନ ଟ୍ରଷ୍ଟ, କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍ସ ଫାଉଣ୍ଡେସନ (କେଏସ୍‌ସିଏଫ୍) ସହିତ ସହଭାଗୀତାରେ କେନ୍ଦୁଝରରେ ୨୦୨୩ରୁ ଏବଂ କନ୍ଧମାଳରେ ୨୦୨୪ରୁ ଜଷ୍ଟ ରାଇଟ୍‌ସ୍ ଫର ଚିଲ୍‌ଡ୍ରେନ ପ୍ରୋଜେକ୍ଟ କାର୍ଯ୍ୟକାରୀ କରିଆସୁଛି । 'ରାଷ୍ଟ୍ରୀୟ ବାଲ୍ ବିବାହ ମୁକ୍ତ ଭାରତ ଅଭିଯାନ'ର ଅଂଶ ଭାବରେ ଓଡ଼ିଶା ବାଲ୍ୟ ବିବାହ ନିରାକରଣ କରିବା ନିମନ୍ତେ ସମନ୍ୱିତ କାର୍ଯ୍ୟକଳାପକୁ ଆଗେଇ ନେଉଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାରେ ପ୍ରମୁଖ ସରକାରୀ ବିଭାଗସମୂହ, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକ ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ସଂଗଠନଗୁଡ଼ିକୁ ସଂପୃକ୍ତ କରି ଏକ ବୃହତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଚଳିତ ସପ୍ତାହରେ କାର୍ଯ୍ୟକାରୀ କରାଯାଉଛୀ ।

ଏଥିନିମନ୍ତେ କେନ୍ଦୁଝରର ଜିଲାପାଳଙ୍କ ହଲ୍‌ରେ ଜିଲାସ୍ତରୀୟ ଅଂଶୀଦାରମାନଙ୍କର ଏକ ପରାମର୍ଶମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ସିଏମ୍‌ପିଓ, ସିଡିପିଓ, ପୋଲିସ ପ୍ରତିନିଧି, ଶ୍ରମ ଓ ଶିକ୍ଷା ବିଭାଗର ଅଧିକାରୀ, ଡିଏଲ୍‌ଏସ୍‌ଏ, ସିଡବ୍ଲ୍ୟୁସି, ଏନ୍‌ଜିଓ ଏବଂ ସମ୍ମୁଖଭାଗର କର୍ମୀମାନଙ୍କ ସମେତ ୧୧୦ ଜଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏଡିଏମ୍ ଅଧ୍ୟକ୍ଷତା କରିଥିଲେ ଏବଂ ସେଥିରେ ସମ୍ବେଦୀ କୌଶଳ ବ୍ୟବସ୍ଥାକୁ ମଜଭୁତ କରିବା, ରିପୋର୍ଟିଂ ବ୍ୟବସ୍ଥାରେ ଉନ୍ନତି ଆଣିବା ତଥା ବାଲ୍ୟବିବାହକୁ କେନ୍ଦ୍ରକରି ରହିଥିବା ଗୋଷ୍ଠୀର ନୀରବତା ଏବଂ ସାମାଜିକ ଗ୍ରହଣୀୟତା ଆଦି ଉପରେ ଦୃଷ୍ଟିନିବନ୍ଧ କରାଯାଇଥିଲା । ଡିଏଲ୍‌ଏସ୍‌ଏ ସେକ୍ରେଟାରୀ ସୁଶ୍ରୀ ସସ୍ମିତା ନନ୍ଦିନୀ ତ୍ରିପାଠୀ ବାଲ୍ୟ ବିବାହ ନିରାକରଣ ଆଇନର ପ୍ରବର୍ତ୍ତନକୁ ପ୍ରଭାବିତ କରୁଥିବା ଆଇନଗତ ବ୍ୟବସ୍ଥା ଏବଂ ପଦ୍ଧତିଗତ ଅସ୍ପଷ୍ଟତା ସମ୍ପର୍କରେ ଆଲୋକପାତ କରିଥିଲେ ।

# ଦିନିକିଆ ମ୍ୟାଚ ପୂର୍ବରୁ ଧୋନିଙ୍କ ଘରେ କୋହଲି, ପନ୍ତ

ନୂଆଦିଲ୍ଲୀ,୨୮।୧୧ (ଏଜେନ୍ସି) : ଦକ୍ଷିଣ ଆ ।ଫ୍ରିକା ବିପକ୍ଷରେ ଆ ।ଗାମୀ ଦିନିକିଆ । (ଓ୍ୱାନଡେ) ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ।ର ସ୍କ୍ୱାଡ୍ ରା ିରେ ଏକାଠି ହେବା ପରେ, ଅନେକ ଭାରତୀ । କ୍ରିକେଟରଙ୍କୁ ଗଝ ଧୋନିଙ୍କ ବାସଭବନକୁ ଯାଉଥିବାର ଦେଖିବାକୁ ମିଳିଛି । ଯେତେବେଳେ ବି ଟିମ୍ ଇଣ୍ଡିଆ । ଧୋନିଙ୍କ ଘର ସହରରେ ଖେଳେ, ସେତେବେଳେ ଏହିଭଳି ସୌଜନ୍ୟମୂଳକ ଭେଟଘାଟ ଏକ ପରମ୍ପରାରେ ପରିଣତ ହୋଇଛି, ଯାହା ଖେଳାଳିଙ୍କ ମଧ୍ୟରେ ଏକ ଆ ।ରାମଦା ।କ ଓ ସକାରାତ୍ମକ ବାତାବରଣ ସୃଷ୍ଟି କରିଛି ।



ଦଳର ଅନ୍ୟତମ ବରିଷ୍ଠ ଖେଳାଳି ବିରାଟ କୋହଲି ଧୋନିଙ୍କ ଘରେ ପହ ିଥିବା ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ । ଟେଷ୍ଟ ସିରିଜରେ ନିରାଶାଜନକ ପ୍ରଦର୍ଶନ ପରେ କୋହଲିଙ୍କ ପ୍ରତ୍ୟାବ ିନ ଓ୍ୱାନଡେ ଫର୍ମାଟରେ ବ୍ୟାଟିଂ କ୍ରମରେ ସ୍ଥିରତା ଆ ।ଣିବା ସହ ଦଳ ପାଇଁ ବଡ଼ ଉତ୍ସାହ ସୃଷ୍ଟି କରିବ ବୋଲି ଆ ।ଶା କରାଯାଉଛି । ଅଧିନା ।କ ରୋହିତ ଶର୍ମା ମଧ୍ୟ ଦଳକୁ ଫେରିଛନ୍ତି ।

ସେହିପରି, କଷ୍ଟକର ଟେଷ୍ଟ ସିରିଜ୍ ପରେ ଋଷଭ ପନ୍ତ ମଧ୍ୟ ଧୋନିଙ୍କ ଘରେ ପହ ିଥିଲେ । ଦକ୍ଷିଣ ଆ ।ଫ୍ରିକା ବିପକ୍ଷ ଦ୍ୱିତୀ । ଟେଷ୍ଟରେ ଅସ୍ଥା ।ୀ ଅଧିନା ।କ ଭାର ସମ୍ଭାଳିଥିବା ପନ୍ତ ମାତ୍ର ୪୯ ରନ୍ ସଂଗ୍ରହ କରିଥିଲେ ଏବଂ ତାଙ୍କର ସଟ୍ ସିଲେକ୍ସନ୍ ସମାଲୋଚିତ ହୋଇଥିଲା । ଏବେ ସେ ଓ୍ୱାନଡେ ସ୍କ୍ୱାଡକୁ ଫେରିଥିବାରୁ, ମିଡିଲ୍ ଅର୍ଡରରେ ଭଲ ପ୍ରଦର୍ଶନ କରିବାକୁ ଏକ ସୁଯୋଗ ପାଇଛନ୍ତି ।

ଧୋନିଙ୍କ ଘରେ ପହ ିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଘରୋଇ କ୍ରିକେଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓ୍ୱାନଡେ ଦଳକୁ ଫେରିଥିବା ଋତୁରାଜ ଗା ।କ୍ୱାଡଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ନଭେମ୍ବର ୩୦ ରେ ଔଝଉଇ ଇ

# କୁଚ୍ ବିହାରର ଟ୍ରଫିରେ ଭଦ୍ରକରୁ ସ୍ୱୟଂମ୍ଭୁ

ଭଦ୍ରକ,୨୮।୧୧ (ଏଜେନ୍ସି) : ଜାତୀୟ ସ୍ତରୀୟ ୧୯ ବର୍ଷରୁ କମ୍ ବାଳକ କିକେଟ୍ କୁଚ୍ ବିହାର ଟ୍ରଫି ପ୍ରତିଯୋଗିତା ନିମନ୍ତେ ଓଡିଶା ଦଳରେ ଭଦ୍ରକ ରୁ ସ୍ୱୟଂମ୍ଭୁ ପଲାଇ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତା ଟି ଉତରାଖଣ୍ଡ ର କାଶୀପୁର ରେ ୧ ଡିସେମ୍ବର ରୁ ଆରମ୍ଭ ହେବ । ଏଥି ନିମନ୍ତେ ଓଡିଶା କ୍ରିକେଟ ଆଶୋସିଏସନ୍ ତାର ଖେଳାଳୀ ଙ୍କ ନାମ ଘୋଷଣା କରିଛି । ତାଙ୍କର ଏହି ସଫଳତା ପାଇଁ ଭଦ୍ରକ ଜିଲ୍ଲା କ୍ରିକେଟ ସଂଘ ର ସଂପାଦକ ଧିରେନ୍ ପଲାଇ, କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତି, ଉପସଭାପତି ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନା ଓ ଉପ ସାଧାରଣ ସଂପାଦକ ବିଜୟ ଲଖାନୀ ଓ ସୁଦାମ୍ ନାୟକ , ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ୍ ପ୍ରମୁଖ ଶୁଭେଚ୍ଛା । ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚ କୋଟୀର ଉଲ ଖେଳ ପ୍ରଦର୍ଶନ କରିବେ ତାଙ୍କର ଶୁଭ ମନାସିଛନ୍ତି ।

# ଖୋର୍ଦ୍ଧା କପ ବ୍ୟାଡ଼ମିଣ୍ଟନ ଉଦଯାପିତ

ଖୋର୍ଦ୍ଧା,୨୮।୧୧ (ଏଜେନ୍ସି) : ଖୋର୍ଦ୍ଧା ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍ ଠାରେ ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡ ମିଣ୍ଟନ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୯ମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଭବ୍ୟ ସମାପନୀ ସମାରୋହ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଅଛି । ଏହି ଟୁର୍ଣ୍ଣାମେଣ୍ଟ ଅଣ୍ଡର-୧୩, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ-ମୋଟ ତିନିଟି ଶ୍ରେଣୀରେ ସଂଚାଳିତ ହୋଇଥିଲା । ଅଣ୍ଡର-୧୩ ଶ୍ରେଣୀରେ କେ ତନିଷ୍ କୁମାର ବିଜେତା ଏବଂ ସାଇ ସୁର୍ଯ୍ୟାସୁଂ ଉପବିଜେତା ହୋଇ ଅତିଥି ମାନଙ୍କଠାରୁ ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ । ଜିଲ୍ଲାସ୍ତରରେ କହ୍ନେଇ ଘଡେଇ ଓ ରଜ୍ କୁମାର ରଣସିଂହ ବିଜେତା ହୋଇ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ ଏବଂ ଦିବ୍ୟଜ୍ୟୋତି କୁମାର ସେଠୀ ଓ ମଳୟ ବେହେରା ଉପବିଜେତା ହୋଇ ୬,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ । ରାଜ୍ୟସ୍ତରରେ ତନ୍ମୟ ସାହୁ ଓ ଅଭିଜିତ ମହାରଣା ବିଜେତା ହୋଇ ୧୨,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ ଏବଂ ଉପ ବିଜେତା ଭାବରେ



ପାରଶ୍ ମାଥୁର ଓ ଅନିର୍ବାଣ ମଣ୍ଡଳ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ,ଖୋର୍ଦ୍ଧା ଶ୍ରୀନିବାସ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା କିଶୋର ଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ରାଜେଶ ଦାସଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା । ସଫଳତାର ସହିତ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ସଂଘର ସଭାପତି ରାଜେନ୍ଦ୍ର କୁମାର ସାହୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି କ୍ରୀଡା ଆୟୋଜନ ଉପସ୍ଥିତ କ୍ରୀଡ଼ାପ୍ରେମୀ ଓ ରାଜ୍ୟର କୋଣ ଅନୁକୋଣରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗିଙ୍କ ଦ୍ୱାରା ପ୍ରଶଂସିତ ହେବା ସହିତ ରାଜ୍ୟର ଯୁବ ପ୍ରତିଭାମାନଙ୍କ ପାଇଁ ଏକ ଗୌରବମୟ ମଞ୍ଚ ସୃଷ୍ଟି କରିଛି ।

# ଶିଶୁମାନେ ଭଲପାଆନ୍ତି ହିମାଳୟ ବେବି କେୟାର

ମୁମ୍ବାଇ,୨୮।୧୧ (ଏଜେନ୍ସି) : ହିମାଳୟ ବେବିକେୟାର ଶିଶୁମାନଙ୍କୁ ସମ୍ମୁଖରେ ଏବଂ ଏହାର କାହାଣୀର କେନ୍ଦ୍ର ସ୍ଥଳରେ ରଖୁଥିବା ହୃଦୟସ୍ପର୍ଶୀ ନୂଆ ପ୍ରଚାର ଅଭିଯାନ ସହିତ 'ଶିଶୁମାନେ ଭଲ ପାଉଥିବା' ଏକ ବ୍ରାଣ୍ଡ ଭାବରେ ନିଜର ଉପସ୍ଥିତିକୁ ପାଳନ କରୁଛି । 'ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଉଥିବା, ମା'ମାନଙ୍କ ଦ୍ୱାରା ଭରସା କରାଯାଉଥିବା ଏବଂ ଶିଶୁମାନଙ୍କ ଦ୍ୱାରା ଭଲ ପାଉଥିବା' (ପ୍ରେସକ୍ରାଇବଡ ବାଇ ଡକ୍ଟରସ୍, ଟ୍ରଷ୍ଟେଡ ବାଇ ମମ୍‌ସ୍, ଆଣ୍ଡ ଲଭ୍‌ଡ ବାଇ ବେବିଜ) ଶୀର୍ଷକ ଏହି ପ୍ରଚାର ଅଭିଯାନ ଶିଶୁମାନେ ଭଲ ପାଉଥିବା, ମା'ମାନେ ଭରସା କରୁଥିବା ଏବଂ ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଉଥିବା ବ୍ରାଣ୍ଡର ଅନନ୍ୟ ସାମର୍ଥ୍ୟ ସମ୍ପର୍କରେ ଆଲୋକପାତ କରୁଛି । ବିଶ୍ୱାସର ଏହି ମଜଭୁତ ମୂଳଦୁଆ ଉପରେ ପ୍ରସ୍ତୁତ ପ୍ରଚାର ଅଭିଯାନ ଏକ ଖେଳୁଆଡ ଏବଂ ଭାବପ୍ରବଣ ପ୍ରତିଧ୍ୱନିତ କାହାଣୀ ଜରିଆରେ ଶିଶୁ ଯତ୍ନର ନେତୃତ୍ୱକୁ ପୁନଃ ମଜଭୁତ କରୁଛି ଯାହା ଶିଶୁମାନଙ୍କର ନିରୀହ ଏବଂ ଶକ୍ତିଶାଳୀ ସ୍ୱରକୁ ଧରି ରଖିଛି, ବିଶ୍ୱାସବୋଧ ଓ ଯତ୍ନକୁ ନେଇ ବ୍ରାଣ୍ଡର ବାର୍ତ୍ତାର କେନ୍ଦ୍ରସ୍ଥଳରେ ସେମାନଙ୍କୁ ଅବସ୍ଥାପିତ କରିଛି । ଚଳଚ୍ଚିତ୍ର ଖେଳୁଆଡ ମନୋଭାବନେଇ 'ଅଲ୍ ଇଣ୍ଡିଆ ଟାଇନି ଟକ୍ ସମ୍ମିଟ' ପରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରବେଶ କରୁଛି ଯେଉଁଠାରେ ସାମ୍ବାଦିକମାନେ ବିଶ୍ୱର ସବୁଠାରୁ ସଚ୍ଚୋଟ ମତ ପୋଷଣକାରୀ 'ଶିଶୁ' ମାନଙ୍କର ସାକ୍ଷାତକାର ନେବାକୁ ଏକତ୍ରିତ ହେଉଛନ୍ତି ।

# ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା,୨୮।୧୧ (ଏଜେନ୍ସି) : କେନ୍ଦ୍ରାପଡା ଲୋକସଭା କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ସାଂସଦ ଖେଳ ମହୋତ୍ସବ ୨୦୨୫ ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସଭା ଅଧିନରେ ଥିବା ୪୯ଟି ଜୋନ ସ୍ତରରେ ପ୍ରଥମ ପର୍ଯ୍ୟାୟରେ ୧୮ ତାରିଖ ସୁଦ୍ଧା କ୍ରୀଡା ସରିଯାଇଛି । ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ସୁଦ୍ଧା ଲୋକସଭା ର ୧୩ଟି ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ଖେଳ ସରିବାର କାର୍ଯ୍ୟକ୍ରମ ରହିଛି । ସାଂସଦ କ୍ରୀଡାରେ ଜୋନ ସ୍ତରରେ ଭାଗ ନେଇ ଉତୀର୍ଣ୍ଣ ହୋଇଥିବା କ୍ରୀଡାବିତ୍



ମାନେ ଆସନ୍ତା ୧ ତାରିଖରୁ ଆରମ୍ଭ ହେଉଥିବା ବ୍ଲକ ସ୍ତରୀୟ କ୍ରୀଡାରେ ଭାଗ ନେବେ । ବ୍ଲକ ସ୍ତରରେ ଭାଗ ନେଇ ଉତୀର୍ଣ୍ଣ ହୋଇଥିବା କ୍ରୀଡାବିତ୍ ମାନେ ଡିସେମ୍ବର ୨୫ ତାରିଖ ଜିଲ୍ଲା ସ୍ତରରେ ଫାଇନାଲ ଖେଳରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ରେ ଏହି ବୈଠକରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ସଂଯୋଜକ ସୁନାକର ବେହେରା, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ସଂଖ୍ୟାଲଘୁ ସେଲର ଉପ ସଭାପତି ମହମ୍ମଦ ସଲିମ ଖାନ, ଉପ ସଭାପତି ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# ନେକ୍ସସ୍ ଏସପ୍ଲାନେଡ୍‌ରେ ବ୍ଲାକ୍ ଫ୍ରାଇଡେ ସେଲ୍ ଲାଇଭ୍

ଭୁବନେଶ୍ୱର,୨୮।୧୧ (ଏଜେନ୍ସି) : ନେକ୍ସସ୍ ଏସପ୍ଲାନେଡ୍ ନଭେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ବ୍ଲାକ୍ ଫ୍ରାଇଡେ ସେଲ୍ ଆୟୋଜନ କରିବାକୁ ଯାଉଛି । ଯେଉଁଥିରେ ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଇଲେକ୍‌ଟ୍ରୋନିକ୍ସ, ଆସେସୋରିଜ୍, ହୋମ୍ ଡେକୋର ଏବଂ ଅନ୍ୟାନ୍ୟ ୧୦୦+ ବ୍ରାଣ୍ଡରେ ୫୦% ପର୍ଯ୍ୟନ୍ତ ଅଫର ରହିଛି । ନେକ୍ସସ୍ ଏସ୍ପ୍ଲାନେଡକୁ ଯାଆନ୍ତୁ ଏବଂ ଷ୍ଟାଇଲ୍, ସଂଚୟ ଏବଂ ଆଶ୍ଚର୍ଯ୍ୟ ସହିତ ବ୍ଲାକ୍ ଫ୍ରାଇଡେ ପାଳନ କରନ୍ତୁ । ଅବିଶ୍ୱସନୀୟ ବୁଝାମଣା ଏବଂ ଆନନ୍ଦଦାୟକ ପୁରସ୍କାରରେ ପରିପୂର୍ଣ୍ଣ ଏକ ଉତ୍ସବର ପରିବେଶକୁ କିଣାକିଣି କରିବା ଏବଂ ଉପଭୋଗ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ ।

# ନେକ୍ସସ୍ ଏସପ୍ଲାନେଡ୍ ଶିଶୁ ଦିବସ ଉତ୍ସବ

ଭୁବନେଶ୍ୱର,୨୮।୧୧ (ଏଜେନ୍ସି) : ନେକ୍ସସ୍ ଏସପ୍ଲାନେଡ୍ ପକ୍ଷରୁ ଶିଶୁ ଦିବସ ଅବସରରେ ସମସ୍ତ ବୟସର ପିଲାଙ୍କ ଅସୀମ ସୃଜନଶୀଳତା, କଳ୍ପନା ଏବଂ ଆନନ୍ଦକୁ ପାଳନ କରି ଏକ ଜୀବନ୍ତ ଶିଶୁ ମଜା ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଉତ୍ସବ ଅପରାହ୍ନ ୫ ଟାରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରେରଣା, ମନୋରଞ୍ଜନ ଏବଂ ନିୟୋଜିତ କରିବା ପାଇଁ ପରିକଳ୍ପିତ କାର୍ଯ୍ୟକଳାପର ଏକ ରୋମାଂଚକର ଲାଇନଅପ୍ ପ୍ରଦର୍ଶିତ ହୋଇଥିଲା । ଟ୍ୟାଲେଟ୍ ସ୍ପଟ୍ ଲାଇଟ୍ ୪-୭ ବର୍ଷ ବୟସର ଯୁବ ତାରକାମାନଙ୍କୁ ଉଜ୍ଜ୍ୱଳ ହେବା ପାଇଁ ଏକ ମଂଚ ଦେଇଥାଏ – ଗୀତ, ନୃତ୍ୟ, କବିତା କିମ୍ବା କୌଣସି ସୃଜନଶୀଳ କାର୍ଯ୍ୟ ମାଧ୍ୟମରେ ଯାହା ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଆତ୍ମ-ଅଭିବ୍ୟକ୍ତିକୁ ସ୍ପଟ୍ ଲାଇଟ୍ କରିବାକୁ ଦେଇଥାଏ । ଏହା ପରେ, ଆର୍ଟ ଫ୍ରମ୍ ଓ୍ୱେଷ୍ଟ ଓ୍ୱାର୍କସପ୍ ୮-୧୨ ବର୍ଷ ବୟସର ପିଲାମାନଙ୍କୁ ଦୈନନ୍ଦିନ ବର୍ଜ୍ୟବସ୍ତୁକୁ ସୁନ୍ଦର, ଅର୍ଥପୂର୍ଣ୍ଣ କଳା କାର୍ଯ୍ୟରେ ପରିଣତ କରିବାକୁ ଆମନ୍ତ୍ରଣ କରିଥିଲା - ସୃଜନଶୀଳତାକୁ ସ୍ଥିରତାର ବାର୍ତ୍ତା ସହିତ ମିଶ୍ରଣ କରିବା । ଉତ୍ସାହକୁ ଯୋଡି, ରିସାଇକ୍ଲେଡ୍ କାର୍ନିଭାଲ୍ ଗେମ୍ସ ସମସ୍ତ ବୟସର ପିଲାମାନଙ୍କ ପାଇଁ ହସରେ ପରିପୂର୍ଣ୍ଣ, ପରିବେଶ ଅନୁକୂଳ ମଜା ପ୍ରଦାନ କରିଥିଲା, ଯାହା ଖେଳ ସମୟକୁ ଶିକ୍ଷଣ ଏବଂ ସଚେତନତାର ଅନୁଭୂତିରେ ପରିଣତ କରିଥିଲା । ସନ୍ଧ୍ୟା ଏକ ଆନନ୍ଦ ପ୍ୟାରେଡ୍ ଏବଂ ଆକର୍ଷଣୀୟ ମନୋରଞ୍ଜନ ଅଧିବେଶନ ସହିତ ଶେଷ ହୋଇଥିଲା, ଯାହା ସମଗ୍ର ପରିବାର ପାଇଁ ସଙ୍ଗୀତ, ଗତିବିଧି ଏବଂ ଯାଦୁକରୀ ସ୍ମୃତିରେ ବାୟୁକୁ ଭରି ଦେଇଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ